# ଟାଟା ଷ୍ଟିଲ ପ୍ରକଳ୍ପ ଠାରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ପ୍ରକଳ୍ପ ନିମନ୍ତେ ୨୫.୯୨୨ ଏକର ପରିମାଣର ଘରୋଇ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଉପରେ ବିଶେଷଜ୍ଞ କମିଟି ବୈଠକର କାର୍ଯ୍ୟ ବିବରଣୀ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଗତ ତା-୦୨.୦୧.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବିଶେଷଜ୍ଞ କମିଟିର ସଭ୍ୟ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶେଷଜ୍ଞ କମିଟିର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଧକ୍ଷତା କରିଥିଲେ ।

ନିମ୍ନଲିଖିତ ସଭ୍ୟ/ବ୍ୟକ୍ତି ବିଶେଷ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

୧. ଡଃ. ରମାକାନ୍ତ ଚୌଧୁରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ
୨. ଡଃ. ଉମେଶ ଚନ୍ଦ୍ର ପାଣିଗ୍ରାହୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ
୩. ଡଃ. ଅନାଦି ଚରଣ ସେଠୀ, ସମାଜ ବିଜ୍ଞାନୀ
୪. ଡଃ. ଅରବିନ୍ଦ ଆଚାର୍ଯ୍ୟ, ସମାଜ ବିଜ୍ଞାନୀ
୫. ଶ୍ରୀ ପ୍ରଦୀପ୍ତ କୁମାର ଶତପଥୀ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ବିଭାଗ-୨, ବ୍ରହ୍ମପୁର (କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ତରଫେ)
୬. ଶ୍ରୀ ରାମଚନ୍ଦ୍ର ବେହେରା, ସରପଞ୍ଚ, କାଳିପଲ୍ଲୀ ଗ୍ରାମ ପଞ୍ଚାୟତ

ସଭା ଆରମ୍ଭରେ ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ପ୍ରିୟରଂଜନ ପୃଷ୍ଟି ସଭାରେ ଯୋଗ ଦେଇଥିବା କମିଟିର ସଦସ୍ୟ ଓ ଅନ୍ୟ ଆମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହା ପରେ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀଙ୍କୁ ଏହି ଅର୍ଥନୈତିକ କରିଡର ପ୍ରକଳ୍ପ ସମ୍ବନ୍ଧୀୟ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀର ସିଦ୍ଧାନ୍ତ ଉପସ୍ଥାପନ କରିବାକୁ କହିଥିଲେ ଏବଂ ଗ୍ରୀନ୍ ଇଣ୍ଡିଆର ପ୍ରତିନିଧିଙ୍କୁ ପ୍ରକଳ୍ପ ବିଷୟରେ ସମସ୍ତ ଆନୁଷଙ୍ଗିକ ତଥ୍ୟ ଉପସ୍ଥାପନ କରିବାକୁ କହିଥିଲେ ।

ଗ୍ରୀନ୍ ଇଣ୍ଡିଆର ପ୍ରତିନିଧି ଏହି ଅର୍ଥନୈତିକ ପ୍ରକଳ୍ପ ଯାହାକି Tata SEZ କୁ ଗୋପାଳପୁର ବନ୍ଦର ସହିତ ସ୍ୱତନ୍ତ୍ର ଭାବରେ ସଂଯୋଗ କରିବ ସେହି ବିଷୟରେ ବିଶଦ୍ ଭାବରେ ବ୍ୟାଖ୍ୟା କରିବା ସହିତ ସାମାଜିକ ପ୍ରଭାବ ଆକଳନ ଉପରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପ୍ରକଳ୍ପଟିର ଏକ ମୋଟାମୋଟି ଚିତ୍ର ସେ ଉପସ୍ଥାପନା କରିଥିଲେ ; ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ଯାହା ଜମି ହରାଉଥିବା ଲୋକଙ୍କର ଜୀବନ ଜୀବିକା ଉପରେ ପଡିବାର ସମ୍ଭାବନା ରହିଛି, ସାମାଜିକ ସମ୍ବଦ୍ଧତା, ଜ୍ଞାତି-ସଂପର୍କ ତଥା ସାଂସ୍କୃତିକ ବ୍ୟବସ୍ଥା ଉପରେ ଯେଉଁ ସମ୍ଭାବ୍ୟ ପ୍ରତିକୂଳ ପ୍ରଭାବ ପଡିବାକୁ ଯାଉଛି, ଏସବୁ ଉପରେ ସୂଚନା ଦେଇଥିଲେ । ଏହା ସହିତ ପ୍ରଭାବିତ ପରିବାର ମାନଙ୍କର ମୁଖ୍ୟ ଦାବି ଓ ଅଭିଯୋଗ ତଥା ପ୍ରକଳ୍ପ ନିମନ୍ତେ ହୋଇଥିବା ଜନଶୁଣାଣୀ ସଭାର ନିର୍ଯ୍ୟାସକୁ ଉପସ୍ଥାପନ କରିଥିଲେ ।

ସେ ସୂଚାଇ ଦେଇଥିଲେ ଯେ, ଏହି ପ୍ରକଳ୍ପର ଜମି ଅଧିଗ୍ରହଣ ହେତୁ କୌଣସି ନିର୍ମିତ ବା ନିର୍ମାଣଧିନ ଘରବାଡିର କ୍ଷୟକ୍ଷତି ହେଉନାହିଁ କି କେହି ବାସଚ୍ୟୁତ ମଧ ହେଉନାହାଁନ୍ତି । ସେ କହିଥିଲେ ଯେ, ଜନଶୁଣାଣୀ ସଭାରେ ଉପସ୍ଥିତ ଭଦ୍ରବ୍ୟକ୍ତି ମାନେ ଓ ନିର୍ବାଚିତ ସରପଞ୍ଚ, ସମସ୍ତେ ଏହି ପ୍ରକଳ୍ପକୁ

Scanned by CamScanner

ସ୍ୱାଗତ କରିଥିଲେ କିନ୍ତୁ ପୂର୍ବରୁ ଟାଟା କମ୍ପାନୀ ଦ୍ୱାରା ଅଧିକୃତ ହୋଇଥିବା ଜମି ଯୋଗୁଁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କର୍ମସଂସ୍ଥାନ ଯୋଗାଇ ଦିଆଯାଇନଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେ ପୁନଶ୍ଚ କହିଥିଲେ ଯେ, କାଳିପଲ୍ଲୀ ଓ ପାଇକପଡା ଗ୍ରାମର ସରେଣ୍ଡର ଓ ଡି-ନୋଟିଫିକେସନ୍ ପ୍ରୋସେସ୍‌କୁ ତ୍ୱରାନ୍ୱିତ କରି ଲୋକମାନଙ୍କୁ ସେମାନଙ୍କର ଜାଗା (ଯାହାକି ଟାଟା କମ୍ପାନିର ଦରକାର ନାହିଁ ବୋଲି ଲିଖିତ ଭାବରେ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି) ଫେରାଇ ଦେବା ପାଇଁ ଜନ ଶୁଣାଣୀରେ ସମସ୍ତ ଜନ ସାଧାରଣ ଦୃଢ ମତ ପୋଷଣ କରିଥିଲେ ।

ଏହାପରେ ଉପସ୍ଥିତ କାଳିପଲ୍ଲୀ ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀଯୁକ୍ତ ରାମଚନ୍ଦ୍ର ବେହେରା ମଧ୍ୟ ସମାନ ମନ୍ତବ୍ୟ ରଖିଥିଲେ । ସେ କହିଥିଲେ, କାଳିପଲ୍ଲୀ ଗ୍ରାମର ସରେଣ୍ଡର ଓ ପାଇକପଡା ଗ୍ରାମର ଡି-ନୋଟିଫିକେସନ୍ ସହିତ ଅଧିଗ୍ରହଣ ହେବାକୁ ଥିବା ଜମିର ଉପଯୁକ୍ତ ବଜାର ମୂଲ୍ୟ ପ୍ରଦାନ କରାଗଲେ ଲୋକମାନଙ୍କର କୌଣସି ଅଭିଯୋଗ ରହିବ ନାହିଁ । ସେମାନେ ଏହି ପ୍ରକଳ୍ପ ସହିତ ଦ୍ରୁତ ଶିଳ୍ପାୟନକୁ ସ୍ୱାଗତ କରନ୍ତି କିନ୍ତୁ ସରକାର ସେହି ଅଞ୍ଚଳର ଜମି ହରାଉଥିବା ଓ ପରୋକ୍ଷ ଭାବରେ ଶିଳ୍ପାୟନର ପାରିପାର୍ଶ୍ୱିକ କୁପ୍ରଭାବ ପଡୁଥିବା ବ୍ୟକ୍ତିମାନଙ୍କର ସମସ୍ୟାକୁ ଗୁରୁତର ସହିତ ବିଚାର କରି ସମସ୍ୟା ଗୁଡିକର ସମାଧାନ କରିବାର ଆବଶ୍ୟକତା ରହିଛି ।

ଏହାପରେ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀ, ଶ୍ରୀ ରାଜକିଶୋର ଜେନା ପ୍ରକଳ୍ପର ଆବଶ୍ୟକତା ଅପରିହାର୍ଯ୍ୟତା ବିଷୟରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଜିଲ୍ଲା ପ୍ରଶାସନ ଖୁବ୍ ଶୀଘ୍ର କାଳିପଲ୍ଲୀ ଗ୍ରାମର ଭୂମି ସରେଣ୍ଡର ଓ ପାଇକପଡା ଗ୍ରାମର ଡି-ନୋଟିଫିକେସନ୍ ବିଷୟରେ ସରକାରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବା ପାଇଁ ସମସ୍ତ ପ୍ରଚେଷ୍ଟା ଅବଲମ୍ବନ କରିବେ । ଏତଦ୍‌ବ୍ୟତୀତ Tata SEZ କୁ ଆସିବାକୁ ଥିବା ସମସ୍ତ ଶିଳ୍ପସଂସ୍ଥାମାନେ ଯେପରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିଯୁକ୍ତି ନିୟମାବଳୀକୁ କଡାକଡି ଭାବରେ ପାଳନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ ।

ଏହାପରେ ଡଃ. ଉମେଶ ଚନ୍ଦ୍ର ପାଣୀଗ୍ରାହୀ ଜାଣିବା ପାଇଁ ଚାହିଁଥିଲେ କି, ଏହି ପ୍ରକଳ୍ପ ଦ୍ୱାରା କେତେ ପରିବାର ବାସଚ୍ୟୁତ ହେଉଛନ୍ତି ଓ ସେମାନଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି ? ଏହାର ଉତ୍ତରରେ ଭୂ-ଅର୍ଜନ ଅଧିକାରୀ କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା କେହି ବାସଚ୍ୟୁତ ହେଉ ନାହାଁନ୍ତି ।

ଏହାପରେ ବିଶେଷଜ୍ଞ କମିଟିର ସଭ୍ୟ ଶ୍ରୀ ରମାକାନ୍ତ ଚୌଧୁରୀ ଓ ଡଃ ଉମେଶ ଚନ୍ଦ୍ର ପାଣିଗ୍ରାହୀ ଜାଣିବା ପାଇଁ ଚାହିଁଥିଲେ ଯେ, ଭୂମି ହରାଉଥିବା ଜମି ମାଲିକ ମାନଙ୍କୁ କେଉଁ ହିସାବରେ କ୍ଷତିପୂରଣ ପ୍ରଦାନ କରାଯିବ? ଏହାର ଉତ୍ତରରେ ଭୂ-ଅର୍ଜନ ଅଧିକାରୀ କହିଥିଲେ ଯେ, RFCTLAR&R Act, 2013 ଓ RFCTLAR&R Rules, 2016 ମୁତାବକ କ୍ଷତିପୂରଣ ହିସାବ କରାଯିବ ।

ଏହାପରେ ବିଶେଷଜ୍ଞ କମିଟିର ସଦସ୍ୟ ଡଃ ଅରବିନ୍ଦ ଆଚାର୍ଯ୍ୟ କହିଥିଲେ ଯେ, ଏହି ପ୍ରକଳ୍ପ ଏକ ଆବଶ୍ୟକୀୟ ପ୍ରକଳ୍ପ ଯାହାଦ୍ୱାରା କି Tata SEZ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରିବ । ଏହା ସ୍ଥାନୀୟ ଅଂଚଳର ବିକାଶରେ ସହାୟକ ହେବ । କିନ୍ତୁ ସ୍ଥାନୀୟ ବାସିନ୍ଦାମାନଙ୍କର ତଥା ସ୍ଥାନୀୟ

Scanned by CamScanner

ଅଂଚଳର ସର୍ବବିଧ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ଚେଷ୍ଟିତ ହେବାର ଆବଶ୍ୟକତା ରହିଛି । ଏହା ଜିଲ୍ଲା ପ୍ରଶାସନର ଦାୟିତ୍ୱ ଯେ, CSR Fund ର ସୁବିନିଯୋଗ କରି ସ୍ଥାନୀୟ ଅଂଚଳର ବିକାଶରେ ସହାୟକ ହେବା ।

ଏହାପରେ ବିଶେଷଜ୍ଞ କମିଟିର ସଦସ୍ୟ ଶ୍ରୀ ଅନାଦି ଚରଣ ସେଠୀ କହିଥିଲେ ଯେ, ଏହି ପ୍ରକଳ୍ପ ଯଥାଶୀଘ୍ର ସଂପୂର୍ଣ୍ଣ ହେବା ଉଚିତ ଓ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ରାଧିକାର ଭିତ୍ତିରେ Tata SEZ କୁ ଆସୁଥିବା କଂପାନୀ ମାନଙ୍କରେ କର୍ମ ନିଯୁକ୍ତି ମିଳିବା ଦରକାର । ଏହାର ଉତ୍ତରରେ ଉପସ୍ଥିତ ଉପଜିଲ୍ଲାପାଳ, ଛତ୍ରପୁର ଉପଖଣ୍ଡ, ଉତ୍ତର ରଖିଥିଲେ ଯେ, ଏହି ପ୍ରକଳ୍ପଟି ଏକ Linear Project ଓ ଏଥିରେ କର୍ମସଂସ୍ଥାନ ସୃଷ୍ଟି ହେବନାହିଁ । ଏହାପରେ ବିଶେଷଜ୍ଞ କମିଟିର ସଦସ୍ୟମାନେ ମତ ରଖିଥିଲେ ଯେ, ଯେହେତୁ ଏହି ପ୍ରକଳ୍ପ ବିଶେଷ ଭାବରେ Tata SEZ ଓ ଗୋପାଳପୁର ବନ୍ଦରକୁ ସଂଯୋଗ କରିବ ଓ ଏଥିଯୋଗୁଁ Tata SEZ କୁ ବହୁ ଶିଳ୍ପ ସଂସ୍ଥାମାନେ ଆସିବାକୁ ଆଗ୍ରହ ପ୍ରକାଶ କରିବେ, ତେଣୁ ସେହି କଂପାନୀ ମାନଙ୍କରେ ସ୍ଥାନୀୟ ଅଧିବାସୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କର୍ମସଂସ୍ଥାନ ଯୋଗାଇଦେବାର ଆବଶ୍ୟକତା ରହିଛି ।

ସଭାରେ ଉପସ୍ଥିତ ଥିବା ବିଶେଷଜ୍ଞ କମିଟିର ସମସ୍ତ ବିଶେଷଜ୍ଞ, ଆମନ୍ତ୍ରିତ ସଭ୍ୟ ବୃନ୍ଦ ଓ ସଭାର ଅଧ୍ୟକ୍ଷ ଏକମତ ହୋଇଥିଲେ ଯେ, ଏହି ପ୍ରକଳ୍ପ ବୃହତ୍ତର ସର୍ବସାଧାରଣ ସ୍ୱାର୍ଥ ସାଧନ କରିବ । ଏହି ପ୍ରକଳ୍ପ ଯୋଗୁଁ କେବଳ ଗଂଜାମ ଜିଲ୍ଲାବାସୀ ଉପକୃତ ହେବେନାହିଁ ବରଂ ଏହାଦ୍ୱାରା ସମସ୍ତ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶ ସାଧନ ହୋଇପାରିବ । ଏଥିପାଇଁ କମ୍ ପରିମାଣର ଘରୋଇ ମାଲିକାନାରେ ଥିବା ଜମି ଅଧିଗ୍ରହଣ ହେବ, ସାମାଜିକ ବ୍ୟୟ ତୁଳନାରେ ଅଧିକ ସାମାଜିକ ଉପକାର ସାଧିତ ହେବ ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇଲା । ଏଣୁ ଏଥି ନିମନ୍ତେ ୨୫.୯୨୨ ଏକର ଘରୋଇ ଜମି ଆବଶ୍ୟକତା ହେଉଛି, ତାହାର ଯଥାର୍ଥତା ରହିଛି ଓ ଏହି ପ୍ରକଳ୍ପର ସାର୍ଥକତା ରହିଛି । ବିଶେଷଜ୍ଞ କମିଟି ଏହି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସମାପନ କରିବାକୁ ସୁପାରିଶ କରୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ, ବୈଠକରେ ଯୋଗ ଦେଇଥିବା ସମସ୍ତ ବିଶେଷଜ୍ଞ, ଆମନ୍ତ୍ରିତ ସଦସ୍ୟ ଓ ସେମାନଙ୍କର ଅଂଶଗ୍ରହଣ ଓ ଫଳପ୍ରଦ ମତାମତ ପ୍ରଦାନ ନିମନ୍ତେ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏଠାରେ ସୂଚାଇ ଦିଆଯାଇପାରେ ଯେ, ସାଂପ୍ରତିକ ପରିସ୍ଥିତିରେ କୋଭିଡ-୧୯ର ନିର୍ଦ୍ଦେଶାବଳୀକୁ ସମ୍ମାନ ଜଣାଇ ସଭା ସମୟରେ ସଦସ୍ୟମାନେ ମାସ୍କ ପରିଧାନ କରିଥିଲେ, ସାମାଜିକ ଦୂରତା ରକ୍ଷା କରିଥିଲେ ଓ ସାନିଟାଇଜର ଦ୍ୱାରା ହାତ ପରିଷ୍କାର କରିଥିଲେ ।

ସଭାରେ ଉପସ୍ଥିତ ବିଶେଷଜ୍ଞ କମିଟି ସଭ୍ୟ ମାନଙ୍କର ନାମ ଓ ଦସ୍ତଖତର ନକଲ ସଂଲଗ୍ନ ଫର୍ଦ୍ଦରେ ପ୍ରଦତ୍ତ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)

**ଅଧ୍ୟକ୍ଷ, ବିଶେଷଜ୍ଞ କମିଟି**

Scanned by CamScanner

**Expert Committee Meeting for land acquisition of Construction of the Project Economic Corridor from Tata Steel SEZ area to Gopalpur Port**

**Venue – Collectorate Conference Hall, Chatrapur** **Dtd. 02.01.2022**

## List of Participants

| Sl. No. | Name | Designation | Contact No. | Signature |
|---|---|---|---|---|
| 1. | Priyaranjan Mohanty | ADM, Ganjam | | [signature] 2/1/2022 |
| 2. | N. Jamadhab Bhoi | Sub-collector Chatrapur | 9437459144. | [signature] |
| 3 | ARABINDA ACHARYA | Social Scientist | 7008150405 | [signature] |
| 4 | Anadi Charan Sethi | [illegible] | 9178294007. | [signature] |
| 5. | Pradipta Kumar Satapathy | A. C. G. (RE-3) Chatrapur | 9438673702 | [signature] |
| 6. | Rama Kanta Acharya | R&R Expert | 7978513190 | [signature] |
| 7 | Umesh Ch. Parimal | R&R Expert | 9337800702 | [signature] |
| 8 | Rama chandra Behera | Sarapanch | 9178293455 | [signature] |
| 9. | Jashmin Kumar Pradhan | Addl. Tahasildar Chatrapur. | 9439016595 | [signature] 2/1/22 |
| 10. | Raj Kishore Jena | LAO, Ganjam | 9439463964 | [signature] |
| | | | | |
| | | | | |

Scanned by CamScanner

ଡିସେମ୍ବର – ୨୦୨୧

# ଟାଟା ଷ୍ଟିଲ ସେଜ ଅଞ୍ଚଳ ଠାରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡ଼ର ନିର୍ମାଣ ପାଇଁ ଛତ୍ରପୁର ତହସିଲ, ଗଞ୍ଜାମ ଜିଲ୍ଲାର ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ









ରାଜ୍ୟ ସାମାଜିକ ପ୍ରଭାବ ଅଧ୍ୟୟନ ଶାଖା,
ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
ଭୁବନେଶ୍ୱର, ଓଡିଶାଙ୍କୁ ଦିଆଗଲା

ରିପୋର୍ଟ ପ୍ରସ୍ତୁତ କରିଛନ୍ତି:

GREEN india
ଭୁବନେଶ୍ୱର

## ଗବେଷଣାକାରୀ ଦଳ

***ପ୍ରକଳ୍ପ ନିର୍ଦ୍ଦେଶିକା***

ଶ୍ରୀଯୁକ୍ତ ମାନସ ରଂଜନ ଖୁଣ୍ଟିଆ

***କ୍ଷେତ୍ର ପର୍ଯ୍ୟବେକ୍ଷକ***

ଶ୍ରୀଯୁକ୍ତ ମନୋଜ କୁମାର ପ୍ରଧାନ

***କ୍ଷେତ୍ର ଗବେଷଣା ଅନୁସନ୍ଧାନକାରୀ***

ବାବାଜୀ ଚରଣ ଦାସ, କଳାରେ ସ୍ନାତକ
ସତ୍ୟ ନାରାୟଣ ରାଣା, କଳାରେ ସ୍ନାତକ

ଡାଟା ଆନାଲିଷ୍ଟ:

ସୋନାଲି ନାୟକ
ରବୀନ୍ଦ୍ର କୁମାର ବେହେରା

# ପ୍ରାକକଥନ

ଏହି ରିପୋର୍ଟଟି ହେଉଛି ୨୦୨୧-୨୦୨୨ ମସିହାରେ ଗ୍ରୀନ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଟାଟା ଷ୍ଟିଲ୍ ସେଜ୍ ଏରିଆରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ପାଇଁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ତହସିଲ ଅନ୍ତର୍ଗତ ଦୁଇଟି ଗାଁରୁ ୨୫.୯୨୨ ଏକରର ଘରୋଇ ଜମି ଅଧିଗ୍ରହଣ ଉପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ରିପୋର୍ଟ ।

ଗ୍ରୀନ୍ ଇଣ୍ଡିଆ ହେଉଛି ଏକ ବେସରକାରୀ ଅନୁଷ୍ଠାନ ଏବଂ ଏକ ଅନୁସନ୍ଧାନକାରୀ ସଂସ୍ଥା ଯିଏକି ଏକ ନୈତିକ ମୂଲ୍ୟବୋଧ ଏବଂ ବୃତ୍ତିଗତ ଆଚରଣ ବିଧି ମଧ୍ୟରେ କାର୍ଯ୍ୟ କରେ । ଏକ ବୃତ୍ତିଗତ ସଂଗଠନ ଭାବରେ, ଆମେ ସର୍ବଦା ଆମର ସର୍ବଶ୍ରେଷ୍ଠତା ପ୍ରତିପାଦନ ପାଇଁ ଚେଷ୍ଟା କରୁ, ଉପଲବ୍ଧ ତଥ୍ୟଗୁଡିକର ଅନୁଧ୍ୟାନ, ଆପୋଷ ବୁଝାମଣା ଓ ସର୍ବେକ୍ଷଣରୁ ମିଳିଥିବା ସମସ୍ତ ତଥ୍ୟକୁ ଅନୁଶୀଳନ କରି ପ୍ରତ୍ୟେକ ତଥ୍ୟର ଯଥାର୍ଥତା ପ୍ରତିପାଦନ କରିବା ହେଉଛି ଆମର ଲକ୍ଷ ।

ଉପଯୁକ୍ତ ଡିଜାଇନ୍, ଉପଯୁକ୍ତ ପଦ୍ଧତି ଅନୁସରଣ ଏବଂ ଉପଯୁକ୍ତ ଅନୁସନ୍ଧାନ ଉପକରଣ ବ୍ୟବହାର କରିବା ସହିତ ବର୍ତ୍ତମାନର ଅଧ୍ୟୟନକୁ ଏକ ବୈଜ୍ଞାନିକ ଢଙ୍ଗରେ କରାଯାଇଛି ଏବଂ ସମସ୍ତ ପର୍ଯ୍ୟାୟରେ କୌଣସି ଉଦ୍ଦେଶ୍ୟମୂଳକ ପକ୍ଷପାତିତା କିମ୍ବା କାହାକୁ ଅନୁଗ୍ରହ ନକରି ତଥ୍ୟ ଉପସ୍ଥାପନ କରିବାକୁ ସମସ୍ତ ପ୍ରୟାସ କରାଯାଇଛି, ଯାହା ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ କୌଣସି ବାଧା ଉପୁଜିବାର ସମ୍ଭାବନା ନାହିଁ । ସ୍ଥାନୀୟ ସମ୍ପ୍ରଦାୟ ବା ବାସିନ୍ଦାଙ୍କ ଉପରେ ପ୍ରକଳ୍ପ ଦ୍ୱାରା କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରତିକୂଳ ପ୍ରଭାବ ସୃଷ୍ଟି ହେବାର ସମ୍ଭାବନା ନାହିଁ । ଗ୍ରୀନ୍ ଇଣ୍ଡିଆ ଉକ୍ତ ରିପୋର୍ଟ ଯାହା ପାଇଁ ଏହା ପ୍ରସ୍ତୁତ ହୋଇଛି ତାଙ୍କୁ ଛାଡି ରିପୋର୍ଟରେ ଉପସ୍ଥାପିତ ହୋଇଥିବା କୌଣସି ତଥ୍ୟ ଏବଂ ପରାମର୍ଶକୁ ଅନ୍ୟମାନଙ୍କ ଦ୍ୱାରା ନକଲ କରିବାକୁ ଅନୁମତି ଦିଏ ନାହିଁ ।

ଗ୍ରୀନ୍ ଇଣ୍ଡିଆ, ଶ୍ରୀ ମନୀଷ ଅଗ୍ରୱାଲ, ନିର୍ଦ୍ଦେଶକ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଓ ଗବେଷଣା କେନ୍ଦ୍ର ଏବଂ ସାମାଜିକ ପ୍ରଭାବ ଅଧ୍ୟୟନର ରାଜ୍ୟ ସଂଯୋଜକ ପ୍ରଫେସର ଶିବଲାଲ ମେହେରଙ୍କୁ ଗଭୀର କୃତଜ୍ଞତା ଜଣାଉଛି । ଅଧ୍ୟୟନ ପାଇଁ ତାଲିମ ନେବାବେଳେ ତାଙ୍କର ମୂଲ୍ୟବାନ ଶିକ୍ଷା ଓ କାର୍ଯ୍ୟର ଉପଯୁକ୍ତ ଶୈଳୀ ପାଇଁ ଆମେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଓ ଗବେଷଣା କେନ୍ଦ୍ରର ରାଜ୍ୟ ସାମାଜିକ ପ୍ରଭାବ ଅଧ୍ୟୟନ ଦଳକୁ ମଧ୍ୟ ଧନ୍ୟବାଦ ଦେଉଛୁ । ସେମାନେ ମଧ୍ୟ ଅଧ୍ୟୟନ ସମୟରେ ଉପୁଜିଥିବା ଅନେକ ସନ୍ଦେହକୁ ଦୂରୀଭୂତ କରିବାରେ ସେ ଆମ ଅଧ୍ୟୟନ ଦଳକୁ ମଧ୍ୟ ସାହାଯ୍ୟ କରିଥିଲେ ।

ଅଧ୍ୟୟନ ପାଇଁ ଆବଶ୍ୟକ ସମସ୍ତ ସହଯୋଗ ବିସ୍ତାର କରିବାରେ ଜିଲ୍ଲା ପ୍ରଶାସନ, ବିଶେଷ କରି ଶ୍ରୀ ରାଜକିଶୋର ଜେନା, ଜମି ଅଧିଗ୍ରହଣ ଅଧିକାରୀ (LAO), ଛତ୍ରପୁର ଗଞ୍ଜାମଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜଣାଉଛୁ ।

ଆମେ ଆମର କର୍ତ୍ତବ୍ୟରେ ବିଫଳ ହେବୁ, ଯଦି ଆମେ ସମସ୍ତ ଉତ୍ତରଦାତା, ପ୍ରମୁଖ ସମ୍ପ୍ରଦାୟର ନେତା, ପଞ୍ଚାୟତରାଜ ସଂସ୍ଥାର ସଦସ୍ୟ ଏବଂ ଅନ୍ୟମାନଙ୍କ ସହିତ ପ୍ରଭାବିତ ପରିବାରଙ୍କୁ ଆମର ବିଶେଷ ଧନ୍ୟବାଦ ଜଣାଇବୁ ନାହିଁ, ଯେଉଁମାନେକି ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟକରି ଏହି ଅଧ୍ୟୟନ ପାଇଁ ଆବଶ୍ୟକ ପ୍ରାଥମିକ ତଥ୍ୟ ପ୍ରଦାନ କରିଛନ୍ତି ।

ଗ୍ରୀନ୍ ଇଣ୍ଡିଆ

| ABBREVIATION | |
|---|---|
| AL | AGRICULTURAL LABOURER |
| BPL | BELOW POVERTY LINE |
| CBA/ BC | COST BENEFIT ANALYSIS/ BENEFIT COST |
| CDP | COMPREHENSIVE DISTRICT PLAN |
| CSR | CORPORATE SOCIAL RESPONSIBILITY |
| FGD | FOCUSSED GROUP DISCUSSION |
| GOI | GOVERNMENT OF INDIA |
| GP | GRAM PANCHAYAT |
| HA | HECTARE |
| HH | HOUSEHOLD |
| HOH | HEAD OF HOUSEHOLD |
| INR | INDIAN RUPEES |
| MOU | MEMORANDUM OF UNERSTANDING |
| MSW | MASTERS IN SOCIAL WORK |
| NCDS | NABAKRUSHNA CHOUDHARY CENTER FOR DEVELOPMENT STUDIES |
| NGO | NON-GOVERNMENTAL ORGANISATION |
| O&M | OPERATION & MAINTAINANCE |
| OBC | OTHER BACKWARD CASTE |
| ORFCLARR RULES,2016 | ODISHA RIGHTS TO FAIR COMPENSATION & TRANSPERENCY IN LAND ACQUISITION,REHABILITATION& RESETTLEMENT RULES,2016 |
| PAF | PROJECT AFFECTED FAMILY |
| PAP | PROJECT AFFECTED PERSON |
| PDS | PUBLIC DISTRIBUTION SHOP |
| PRAS | PARTICIPATORY RURAL APPRAISAL |
| PRIS | PANCHAYATI RAJ INSTITUTIONS |
| PWS | PIPED WATER SUPPLY |
| R & DM | REVENUE & DISASTER MANAGEMENT |
| R&R | RESETTELMENT & REHABILITATION |
| RD | RURAL DEVELOPMENT |
| RFCLARR Act,2013 | RIGHTS TO FAIR COMPENSATION & TRANSPERENCY IN LAND ACQUISITION,REHABILITATION& RESETTLEMENT ACT,2013 |
| ROR | RECORD OF RIGHT |
| SC | SCEDHULED CASTE |
| SECC | SOCIO-ECONOMIC CASTE CENSUS |
| SHG | SELF HELP GROUP |
| SIA | SOCIAL IMPACT ASSESSMENT |
| SIMP | SOCIAL IMPACT MANAGEMENT PLAN |

# ସୂଚୀପତ୍ର

1. ଅଧ୍ୟାୟ – ୧ ........................................ ୧

ପରିଚୟ ........................................ ୧

୧ .୧ ପ୍ରକଳ୍ପ ପୃଷ୍ଠଭୂମି ........................................ ୧

୧ .୨ ପ୍ରକଳ୍ପ ଅବସ୍ଥାନ ........................................ ୧

୧.୩ ଆଇନଗତ ଢାଞ୍ଚା ........................................ ୨

୧.୪ ଅଧ୍ୟୟନର ଯୁକ୍ତିଯୁକ୍ତ ତଥ୍ୟ ........................................ ୯

୧.୫ ଅଧ୍ୟୟନର ପରିସର ........................................ ୯

୧.୬ ଉଦ୍ଦେଶ୍ୟ: ........................................ ୧୦

୧.୭ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପଦ୍ଧତି ଏବଂ ପ୍ରକ୍ରିୟା ........................................ ୧୧

୧.୮ ଅନୁସନ୍ଧାନ ପଦ୍ଧତି ଏବଂ ଉପକରଣ ........................................ ୧୧

୧.୯ ନମୁନା ଡିଜାଇନ୍ ........................................ ୧୩

୧.୧୦ ଦସ୍ତାବିଜ ଅନୁଶୀଳନ ଏବଂ ରିପୋର୍ଟ ପ୍ରସ୍ତୁତ ........................................ ୧୪

୧.୧୧ ଅଧ୍ୟୟନର ପରିସୀମା ........................................ ୧୪

୧.୧୨ ରିପୋର୍ଟର ଗଠନ ଓ ପ୍ରସ୍ତୁତ ପ୍ରଣାଳୀ ........................................ ୧୪

୧.୧୩ ସାମାଜିକ ପ୍ରଭାବ ଆକଳନ ଦଳର ସଦସ୍ୟ ବୃନ୍ଦ ........................................ ୧୪

2. ଅଧ୍ୟାୟ –୨ ........................................ ୧୫

ଅଧ୍ୟୟନ କ୍ଷେତ୍ରର ଅବସ୍ଥିତି ........................................ ୧୫

୨.୧ ଅଧ୍ୟୟନ ଜିଲ୍ଲା: ଗଞ୍ଜାମ ........................................ ୧୫

୨.୨ ବ୍ଲକ୍-ଛତ୍ରପୁର ........................................ ୧୬

୨.୩ ପ୍ରକଳ୍ପ ଗ୍ରାମଗୁଡିକ ........................................ ୧୭

୨.୪ ସାମାଜିକ-ସାଂସ୍କୃତିକ ଏବଂ ସାଧାରଣ ସମ୍ପତ୍ତି / ସମ୍ବଳର ସ୍ଥିତି ........................................ ୧୮

3. ଅଧ୍ୟାୟ – ୩ ........................................ ୨୦

ପ୍ରଭାବିତ ପରିବାର ଗୁଡ଼ିକର ସାମାଜିକ ଓ ଅର୍ଥନୈତିକ ସ୍ଥିତି ........................................ ୨୦

୩.କ. ସାମାଜିକ-ଅର୍ଥନୈତିକ ବିବରଣୀ ........................................ ୨୦

୩.୧. ପ୍ରଭାବିତ ବ୍ୟକ୍ତିଙ୍କର ଲିଙ୍ଗଗତ ବିବରଣୀ : ........................................ ୨୦

୩.୨ ପ୍ରକଳ୍ପ ପ୍ରଭାବିତ ବିଭକ୍ତ ବର୍ଗର ପରିବାରର ବିବରଣୀ ..........୨୧
୩.୩ ଅସୁବିଧାଗ୍ରସ୍ତ ପରିବାରରର ବିବରଣୀ ..........୨୨
୩.୪ ବୟସାନୁଭିତ୍ତିକ ତଥ୍ୟ..........୨୨
୩.୫ ସାକ୍ଷରତା ସ୍ତର ..........୨୩
୩.୬ ବୃତ୍ତି, ଆୟ ଏବଂ ରୋଜଗାର ..........୨୪
୩.୮ ପାନୀୟ ଜଳର ଉତ୍ସ ଓ ସୁବିଧା..........୨୬
୩.୯ ସ୍ୱାସ୍ଥ୍ୟର ସ୍ଥିତି ଓ ସୁବିଧା ..........୨୭
୩.୧୦ ସମ୍ପତ୍ତି ସ୍ଥିତି ..........୨୮
୩.୧୧ରଣ ପରିଶୋଧର ସ୍ଥିତି ..........୨୯
୩.୧୩ ଜମି ଅଧିଗ୍ରହଣର ଆକଳନ..........୩୦
୩.୧୪ ସହାୟକ ବିକଳ୍ପ ..........୩୧
୩.୧୫ ଆୟର ପୁନରୁଦ୍ଧାର ପାଇଁ ସହାୟତା ..........୩୧
4. ଅଧ୍ୟାୟ – ୪ ..........୩୩
ପ୍ରଭାବ ଆକଳନ ଏବଂ ପରିବାର ମାନଙ୍କର ଧାରଣା ..........୩୩
୪.୧ ପ୍ରକଳ୍ପ ବିଷୟରେ ସାଧାରଣ ସଚେତନତା:..........୩୩
୪.୨ ପ୍ରକଳ୍ପର ଲାଭ:..........୩୪
୪.୩ ସାମାଜିକ ଏବଂ ଅର୍ଥନୈତିକ ଲାଭ ବିଷୟରେ ଧାରଣା: ..........୩୪
୪.୪ ଅର୍ଥନନୈତିକ ଏବଂ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ..........୩୪
୪.୫ ପ୍ରକଳ୍ପର ସାମଗ୍ରିକ ପ୍ରଭାବ ଉପରେ ଧାରଣା..........୩୫
୪.୬ ପରିବାରମାନଙ୍କର ଧାରଣା – ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା (ଏଫଜି)ରୁ ମିଳିଥିବା ତଥ୍ୟ ..........୩୮
୪.୭ ନିଯୁକ୍ତି ଏବଂ ଅର୍ଥନୀତି ଉପରେ ପ୍ରଭାବ ..........୪୦
୪.୮ ଜମି ଏବଂ ଜମି ଭିତ୍ତିକ ଜୀବିକା ଉପରେ ପ୍ରଭାବ ..........୪୦
୪.୯ ସମୂହ ସ୍ୱାସ୍ଥ୍ୟ ଉପରେ ପ୍ରଭାବ..........୪୧
୪.୧୦ ସାମାଜିକ ସୁରକ୍ଷା ଏବଂ ନିରପତ୍ତା ଉପରେ ପ୍ରଭାବ..........୪୧
୪.୧୧ ପରିବେଶ ଉପରେ ପ୍ରଭାବ..........୪୨
୫. ଅଧ୍ୟାୟ-୫ ..........୪୩

ସାମାଜିକ ପ୍ରଭାବ ହ୍ରାସ ଏବଂ ପରିଚାଳନା ଯୋଜନା (**SIMP**) ଏବଂ ମୂଲ୍ୟ-ଲାଭର ବିଶ୍ଳେଷଣ........................ **୪୩**

୫.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା..............................................................୪୩

***୬.*** ବିଭାଗ-୨ ..................................................................................... **୪୮**

ମୂଲ୍ୟ-ଲାଭ ବିଶ୍ଳେଷଣ ................................................................................ **୪୮**

**ଜନଶୁଣାଣି** ........................................................................................ ୭୫

## *ସାରଣୀ ସୂଚୀ*


ସାରଣୀ ୧.୧ ଟାଟା ଷ୍ଟିଲ **SEZ** ଅଞ୍ଚଳରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ତହସିଲ ଅଧୀନରେ ଥିବା ଗ୍ରାମଗୁଡିକର ତାଲିକା ........ ୯

ସାରଣୀ-୧.୨ : ଅଧ୍ୟୟନ କରାଯାଇଥିବା ପ୍ରକଳ୍ପ ଅନ୍ତର୍ଗତ ପରିବାର ........ ୧୩

ସାରଣୀ ୨.୧ ସଂକ୍ଷେପରେ ଗଞ୍ଜାମ ଜିଲ୍ଲା ........ ୧୫

ସାରଣୀ ୨.୨ ପ୍ରକଳ୍ପ ପ୍ରଭାବିତ ତହସିଲର ଜନସଂଖ୍ୟାର ବିବରଣୀ (ଜନଗଣନା ୨୦୧୧) ........ ୧୬

ସାରଣୀ ୨.୩ ପ୍ରଭାବିତ ଗ୍ରାମର ଜନସଂଖ୍ୟା ଭିତ୍ତିକ ବିବରଣୀ (ଜନଗଣନା ୨୦୧୧) ........ ୧୭

ସାରଣୀ ୨.୪ : ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଥିବା ସାଧାରଣ ସମ୍ପତ୍ତି (ନଂ) ........ ୧୮

ସାରଣୀ ୨.୫ : ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଥିବା ସାମାଜିକ ଓ ସାଂସ୍କୃତିକ ସମ୍ପତ୍ତି (ନଂ) ........ ୧୮

ସାରଣୀ ୩.୧ ଗ୍ରାମଗୁଡିକର ଲିଙ୍ଗଗତ ବିବରଣୀ ........ ୨୦

ସାରଣୀ ୩.୨ ଗ୍ରାମଗୁଡିକର କ୍ଷତିଗ୍ରସ୍ତ ପରିବାରର ଲିଙ୍ଗଗତ ବିବରଣୀ ........ ୨୦

ସାରଣୀ ୩.୩. ପ୍ରକଳ୍ପ ପ୍ରଭାବିତ ବିଭିନ୍ନ ବର୍ଗର ପରିବାର ........ ୨୧

ସାରଣୀ ୩.୪. ପ୍ରକଳ୍ପ ପ୍ରଭାବିତ ଅସୁବିଧାଗ୍ରସ୍ତ ପରିବାରରର ବିବରଣୀ........ ୨୨

ସାରଣୀ ୩.୬ ପ୍ରଭାବିତ ବ୍ୟକ୍ତିଙ୍କ ସାକ୍ଷରତା ସ୍ତର ........ ୨୩

ସାରଣୀ ୩.୧୦. ପ୍ରଭାବିତ ପରିବାର ମାନଙ୍କର ଗୃହର ବିବରଣୀ........ ୨୫

ସାରଣୀ ୩.୧୪ ଗୃହରେ ଥିବା ମୌଳିକ ସୁବିଧା........ ୨୬

ସାରଣୀ ୩.୧୫ ପାନୀୟ ଜଳର ଉତ୍ସ........ ୨୬

ସାରଣୀ ୩.୧୬ ସର୍ବେକ୍ଷଣ ୧୨ମାସ ପୂର୍ବରୁ ପରିବାରରେ ଦେଖାଦେଇଥିବା ଅସୁସ୍ଥତାର ବିବରଣୀ........ ୨୭

ସାରଣୀ ୩.୧୭ ପ୍ରଭାବିତ ପରିବାର କିପ୍ରକାର ଓ କେଉଁଠାରେ ଚିକିତ୍ସା କରାଇଛନ୍ତି........ ୨୮

ସାରଣୀ ୩.୧୮ ବହୁ ପୁରାତନ ରୋଗରେ ପୀଡିତ ପରିବାର ଯେଉଁମାନଙ୍କର ନିୟମିତ ଚିକିତ୍ସା ଦରକାର ........ ୨୮

ସାରଣୀ ୩.୨୦. ପ୍ରଭାବିତ ପରିବାର ମାନଙ୍କର ଋଣଗ୍ରସ୍ତତା........ ୨୯

ସାରଣୀ ୩.୨୧. ଗୃହରେ ନିଷ୍ପତ୍ତି ନେବାର ହକ୍ ........ ୩୦

ସାରଣୀ ୩.୨୨. ଗ୍ରାମ ଅନୁସାରେ ଜମି ଅଧିଗ୍ରହଣ ଓ ଜମିର କ୍ଷତି........ ୩୧

ସାରଣୀ ୩.୨୩ ସହାୟତା........ ୩୧

ସାରଣୀ ୩.୨୪ ଆୟର ପୁନଃ ପ୍ରତିଷ୍ଠା ପାଇଁ ସହାୟତା........ ୩୧

ସାରଣୀ ୪.୩.୧ ପ୍ରକଳ୍ପର ସାମଗ୍ରିକ ପ୍ରଭାବ ବିଷୟରେ ଲୋକମାନଙ୍କର ଧାରଣା........ ୩୬

ସାରଣୀ ୪.୩.୧ ପ୍ରକଳ୍ପର ସାମଗ୍ରିକ ପ୍ରଭାବ ବିଷୟରେ ଲୋକମାନଙ୍କର ଧାରଣା.......................................... **୩୭**

ସାରଣୀ ୪.୪ ନିଯୁକ୍ତି ଏବଂ ଅର୍ଥନୀତି ଉପରେ ପ୍ରଭାବର ଆକଳନ............................................................ **୪୦**

ସାରଣୀ ୪.୫ ଜମି ଓ ଜମି ସମ୍ବନ୍ଧୀୟ ଜୀବିକା କ୍ଷେତ୍ରରେ ପ୍ରଭାବର ମୂଲ୍ୟାଙ୍କନ............................................... **୪୦**

ସାରଣୀ ୪.୬ ସମୂହ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଭାବର ମୂଲ୍ୟାଙ୍କନ................................................................... **୪୧**

ସାରଣୀ ୪.୭ ସାମାଜିକ ନିରାପତ୍ତା ଏବଂ ସୁରକ୍ଷା ଦିଗରେ ପ୍ରଭାବର ମୂଲ୍ୟାଙ୍କନ ............................................ **୪୨**

ସାରଣୀ ୪.୮ ପରିବେଶ ନିର୍ଗମନରୁ ପ୍ରଭାବ ମୂଲ୍ୟାଙ୍କନ ........................................................................ **୪୨**

ସାରଣୀ-୫.୧ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ......................................................................... **୪୪**

## *ଚିତ୍ରସୂଚୀ*

ଚିତ୍ର ୩.୧. ବିଭିନ୍ନ ବର୍ଗର ପରିବାରର ବିବରଣୀ ........................................ ୨୧
ଚିତ୍ର ୩.୨. ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସାନୁଭିତ୍ତିକ ତଥ୍ୟ ........................................ ୨୨
ଚିତ୍ର ୩.୩. ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତିଙ୍କ  ଶିକ୍ଷାଗତ ସ୍ଥିତି ........................................ ୨୪
ଚିତ୍ର ୩.୪. ପରିବାର ମାନଙ୍କର ଆୟର ପନ୍ଥା ........................................ ୨୪
ଚିତ୍ର ୩.୫. ପାନୀୟ ଜଳର ଉତ୍ସ ........................................ ୨୭
ଚିତ୍ର. ୩.୬  ଆୟର ପୁନଃ ପ୍ରତିଷ୍ଠା ପାଇଁ ସହାୟତା ........................................ ୩୨
ଚିତ୍ର ୪.୧ ନୂତନ ବିକାଶ ପ୍ରକଳ୍ପ ବିଷୟରେ ସଚେତନତା ........................................ ୩୩
ଚିତ୍ର ୪.୨  ନୂତନ ପ୍ରକଳ୍ପ ବିଷୟରେ ଧାରଣା ........................................ ୩୪

## *ପରିଶିଷ୍ଟସୂଚି*

**Appendix** ........................................ **51**
ସଂଲଗ୍ନ **-1** ........................................ **59**
**SIA NOTIFICATION** ........................................ **59**
ସଂଲଗ୍ନ **– 2** ........................................ **64**
ସଂଲଗ୍ନ **-3** ........................................ **70**
**List of Participants in FGDs** ........................................ **70**
ସଂଲଗ୍ନ **-4** ........................................ **71**
ସଂଲଗ୍ନ **-5** ........................................ **72**
**Social Map of Basanaputi Village** ........................................ **72**
**Social Map of Badaputi Village** ........................................ **73**

# କାର୍ଯ୍ୟନିର୍ବାହୀ ସାରାଂଶ

ଜମି ଅଧିଗ୍ରହଣ ଅଧିନିୟମ ୧୮୯୪, ସଂଶୋଧନ ଅଧିନିୟମ ୧୯୮୪ କୁ ଆଧାରକରି ସରକାର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରନ୍ତି । ଏହି ଅଧିନିୟମରେ ସମ୍ପତ୍ତି ଅଧିଗ୍ରହଣ ପଦ୍ଧତି ଏବଂ ନିୟମକୁ ବର୍ଣ୍ଣନା କରାଯାଇଛି । ଏହା ଏକ କେନ୍ଦ୍ରୀୟ ଅଧିନିୟମ ଏବଂ ଏହା ସମସ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ ଯଦିଓ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପରିବର୍ତ୍ତନ (ସଂଶୋଧନ) କରିବାକୁ ଅନୁମତି ଦେଇଛନ୍ତି ଯେପର୍ଯ୍ୟନ୍ତ ଏହି ପରିବର୍ତ୍ତନଗୁଡିକ ଏହି ନିୟମକୁ ବିରୋଧ କରୁନାହାଁନ୍ତି । ନୂତନ ଜମି ଅଧିଗ୍ରହଣ ପୁନର୍ବାସ ଓ ଥଇଥାନ ଅଧିନିୟମ ସଂଶୋଧନ ଉପରେ କେନ୍ଦ୍ର ସରକାରଙ୍କ ଅଧାଦେଶ ଜାରୀ ହେବା ପରେ, ଓଡିଶା ସରକାରଙ୍କର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଉକ୍ତ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥାଇଥାନରେ ଉଚିତମୂଲ୍ୟ ଏବଂ ସ୍ୱଚ୍ଛତା (RFCTLAR & R) ଅଧିନିୟମ ୨୦୧୩ (ଧାରା ୩୦ ଅଧିନିୟମ ୨୦୧୩ ) ଦ୍ୱାରା ନିର୍ଦ୍ଦିଷ୍ଟ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧୀନରେଥିବା କେତେକ ନିୟମକୁ ବଦଳାଇଛନ୍ତି । ଏହା ଓଡିଶା ନିୟମ, ଧାରା ୧୦୯ ର ଉପ-ଧାରା (୧) ରେ ଦିଆଯାଇଥିବା କ୍ଷମତାର ଗୁଣ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ନମ୍ବର R & REH-24/20-15-29814, ତା ୧୯/୧୦୧/୨୦୧୫ ରେ ପ୍ରଣୟନ କରିଛନ୍ତି ।

ପ୍ରସ୍ତାବିତ କରିଡରଟି TSSEZL ଏବଂ ଗୋପାଳପୁର ବନ୍ଦର ମଧରେ ଏକ ସଂଯୋଗୀକରଣ (ଲିଙ୍କ) ଅଟେ ଏବଂ ଉଭୟ ପ୍ରତିଷ୍ଠାନ ଭବିଷ୍ୟତର ବହୁ ବ୍ୟବସାୟ ସମ୍ଭାବନା ଥିବା ରଣନିତି ସ୍ଥାନରେ ଅବସ୍ଥିତ । ଭବିଷ୍ୟତରେ ବଢୁଥିବା ଆବଶ୍ୟକତା କରିଡରର ଅଧିକ ବିସ୍ତାର ସହିତ ସ୍ଥାନିତ ହୋଇପାରିବ ନାହିଁ କାରଣ କରିଡରର ଯେକୌଣସି ପ୍ରକାରର ସମ୍ପ୍ରସାରଣ ସ୍ଥାନୀୟ ପ୍ରତିଷ୍ଠାନର ହସ୍ତକ୍ଷେପ ବ୍ୟତୀତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାର ଅନୁମତି ଆବଶ୍ୟକ କରେ । ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସର୍ବନିମ୍ନ ୨୦ ବର୍ଷର ଦୃଷ୍ଟିକୋଣକୁ ବିଚାର କରି ଏହି ପ୍ରକାରର କରିଡର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ସେହି ଅନୁଯାୟୀ, ଅନ୍ୟୁନ ୧୫ ମିଟର ଅତିରିକ୍ତ ମୋଟେଇକୁ ବିଚାର କରାଯାଇଛି ।

ଆଗାମୀ ପ୍ରକଳ୍ପ ପାଇଁ ସମୁଦାୟ ୩୯.୭୦୨ ଏକର ଜମି ଅଧିଗ୍ରହଣ ହେବ । ସେଥିମଧ୍ରୁ ୧୩.୭୮ ଏକର ସରକାରୀ ଜମି ଏବଂ ୨୫.୯୨୨ଏକର ଘରୋଇ ଜମି ଏହି ଉଦ୍ଦେଶ୍ୟରେ ଅଧିଗ୍ରହଣ ହେବ ।

ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧୟନ ଆରମ୍ଭ କରିବା ପୂର୍ବରୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି No-RDM-LAB-GM-0004-2021 33114/ RDM ତା ୦୩/୧୧/୨୦୨୧ ଦ୍ୱାରା ଓଡିଆ ସରକାରୀ ଗେଜେଟ୍ ମାଧମରେ ଏହି ସାମାଜିକ ପ୍ରଭାବ ଆକଳନ ଅଧୟନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ତତ୍ପରେ ଗ୍ରୀନ୍ ଇଣ୍ଡିଆର ଅନୁସନ୍ଧାନ ଦଳର ସଦସ୍ୟମାନେ ପ୍ରାକଳ୍ପ ସ୍ଥାନ ଯାଞ୍ଚ କରିବା ସହ ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବା ପାଇଁ ପ୍ରକଳ୍ପକ୍ଷେତ୍ର ପରିଦର୍ଶନ କରିଥିଲେ । ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବା ପରେ, ଗ୍ରୀନ୍ ଇଣ୍ଡିଆର ଅନୁସନ୍ଧାନକାରୀ ଦଳ ପ୍ରକଳ୍ପର ଗ୍ରାମବାସୀଙ୍କ ସମେତ ବିଭିନ୍ନ ହିତାଧିକାରୀଙ୍କ ସହ ପରାମର୍ଶ ବୈଠକ ଆୟୋଜନ କରିଥିଲେ ଏବଂ ଲୋକଙ୍କ ପ୍ରକଳ୍ପ ପ୍ରତି ଭୟ, ପ୍ରକଳ୍ପ ବିଷୟରେ ସଚେତନତାର ସ୍ତର ଏବଂ ପ୍ରକଳ୍ପ କରିଡର ଉପରେ ଏବଂ ଏହାର ସମ୍ଭାବ୍ୟ ପ୍ରଭାବ ବିଷୟରେ ପଚାରି ବୁଝିଥିଲେ । ପ୍ରସ୍ତାବିତ ପ୍ରକଳ୍ପ ଏବଂ ସର୍ବେକ୍ଷଣ ପ୍ରଣାଳୀ ବିଷୟରେ ସୂଚନାଦେବା ସହିତ ସମସ୍ତ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ସର୍ବେକ୍ଷଣରେ ଅଂଶୀଦାର କରାଯାଇଥିଲା । ସର୍ବେକ୍ଷଣ ପାଇଁ ସେମାନେ କେଉଁ ପ୍ରକାରର ଦଲିଲସହ ପ୍ରସ୍ତୁତ ହେବା ଆବଶ୍ୟକ ତାହା ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା ।

ସାମାଜିକ ପ୍ରଭାବ ଆକଳନ (SIA) ର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମି / ସମ୍ପତ୍ତି / ଜମି ଧାରଣ, ପ୍ରଭାବିତ ପରିବାର ଏବଂ ବ୍ୟକ୍ତିବିଶେଷଙ୍କ ସଂପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବା, ସାମାଜିକ ପ୍ରଭାବ ଆକଳନ କରିବା ଏବଂ ପୁନର୍ବାସ ଓ ଥଇଥାନ କାର୍ଯ୍ୟ ଯୋଜନା (RAP) ପ୍ରସ୍ତୁତ କରିବା । ଏହା ପ୍ରକଳ୍ପସ୍ଥାନରେ ଥିବା ପରିବାର ଏବଂ ଗ୍ରାମବାସୀଙ୍କ ସହ ଏକ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ଆବଶ୍ୟକ କରେ ।

ଅଧ୍ୟୟନଟି ପରୀକ୍ଷାମୂଳକ ଏବଂ ଘରୋଇ ସର୍ବେକ୍ଷଣକୁ ଅନ୍ତର୍ଭୁକ୍ତ କରୁଥିବା ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ତଥ୍ୟ ଉପରେ ଆଧାରିତ । ଦଳଗତ ବା ଫୋକସ୍ ଗ୍ରୁପ୍ ଆଲୋଚନା (FGDs) ସହିତ ଘରୋଇ କ୍ଷେତ୍ର ପରିଦର୍ଶନ, ସାମାଜିକ ମାନଚିତ୍ର, ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ (PRA) କୌଶଳ ଏବଂ ପ୍ରମୁଖ ସୂଚନାଦାତା ସାକ୍ଷାତକାର (KII) କୁ ଅନ୍ତର୍ଭୁକ୍ତ କରେ । ଏହାର ପ୍ରଭାବ ବିଶ୍ଳେଷଣ ପ୍ରଭାବିତ ପରିବାର ମଧ୍ୟରେ ମଧ୍ୟ କରାଯାଇଥିଲା ।

ଏହି ପ୍ରସ୍ତାବିତ ପ୍ରକଳ୍ପ ଗଞ୍ଜାମ ଜିଲ୍ଲା, ଛତ୍ରପୁର ବ୍ଲକର ୨ଟି ଗାଁ ଯଥା ଛତ୍ରପୁରର ବାସନପୁଟି ଗାଁ ଏବଂ କାଳିପାଲ୍ଲୀ ଗ୍ରାମପଞ୍ଚାୟତର ବଡପୁଟି ଗାଁରେ ପ୍ରଭାବ ପକାଉଅଛି । ଉକ୍ତ ଗ୍ରାମଗୁଡିକର ୨୪ ପ୍ରଭାବିତ ପରିବାର (ଜମି ଧାରକଙ୍କ) ମଧ୍ଯରୁ ୨୨ଟି ପରିବାର ପ୍ରକୃତରେ ସର୍ବେକ୍ଷଣ କରାଯାଇଥିଲା ଏବଂ ଅନ୍ୟ ୨ଟି ପରିବାର ସର୍ବେକ୍ଷଣ ହୋଇପାରିଲା ନାହିଁ । ଏହା ବ୍ୟତୀତ ପ୍ରଭାବିତ ଗ୍ରାମଗୁଡିକ ମଧ୍ଯରୁ ୨୦ଟି ଅଣପ୍ରଭାବିତ ପରିବାରର ସର୍ବେକ୍ଷଣ କରଯାଇଥିଲା । ଏହି ସାମାଜିକ ପ୍ରଭାବ ଆକାଳପାଇନ ସମୁଦାୟ ୪୨ଟି ପରିବାରକୁ ସର୍ବେକ୍ଷଣ କରାଯାଇଥିଲା ।

ଜନସାଧାରଣଙ୍କ ପରାମର୍ଶ ଏବଂ ପ୍ରମୁଖ ହିତାଧିକାରୀଙ୍କ ସହ କଥାବାର୍ତ୍ତାକୁ ଲିପିବଦ୍ଧକରି ସାମାଜିକ ପ୍ରଭାବ ପରିଚାଳନା ଯୋଜନା ତିଆରି କରଯାଇଥିଲା । ସାମାଜିକ ପ୍ରଭାବ ଆକଳନ ସମୟରେ ଉପଯୁକ୍ତ ଏବଂ ଆବଶ୍ୟକ ସ୍ଥଳେ ଚିହ୍ନଟ ହୋଇଥିବା କ୍ଷତିକାରକ ପ୍ରଭାବକୁ ସଠିକ ପରିଚାଳନା ଦ୍ୱାରା ସମାଧାନ କରାଯାଇପାରିବ । ଜମି ଅଧିଗ୍ରହଣ ହେତୁ ଜମି ନଷ୍ଟ ହେବାସହ ହେଉଥିବା କ୍ଷତି ଓ ଲାଭର ଏକ ଆକଳନ ମଧ୍ୟ ଏହି ଅଧ୍ୟୟନରେ କରାଯାଇଛି ।

ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ହେଉଛି ସଂପୃକ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ର ଅଧିକାରୀ, କ୍ଷେତ୍ର ପରିଦର୍ଶନ, ପରିବାର ସର୍ଭେ, ଦଳଗତ ଆଲୋଚନା, ଜନସାଧାରଣଙ୍କ ପରାମର୍ଶ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କଠାରୁ ସଂଗୃହିତ ତଥ୍ୟର ଫଳାଫଳ । ମୋଟଉପରେ, ଆଗାମୀ ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ବିଷୟରେ ଲୋକଙ୍କ ଧାରଣା ସକରାତ୍ମକ ଅଟେ । ପ୍ରଭାବଗୁଡିକର ମୂଲ୍ୟାଙ୍କନ ଉପସ୍ଥାପିତ ହୋଇଛି, ପ୍ରତ୍ୟେକ ସମ୍ଭାବ୍ୟ ପ୍ରଭାବର ଚିହ୍ନଟ କରାଯାଇଛି, ଏବଂ ଯେକୌଣସି ସକରାତ୍ମକ ଲାଭକୁ ବୃଦ୍ଧି କରିବା ଏବଂ ନକାରାତ୍ମକ ପ୍ରଭାବକୁ କମ୍ କରିବା କିମ୍ବା ହଟାଇବା ପାଇଁ ପରିଚାଳନା ଯୋଜନାଗୁଡିକ ପ୍ରସ୍ତୁତ ଓ ସୁପାରିଶ କରାଯାଇଛି ।

ଏହି ଅଧ୍ୟୟନ ରିପୋର୍ଟଟି କାର୍ଯ୍ୟନିର୍ବାହୀ ସାରାଂଶକୁ ବାଦ ଦେଇ, ୫ଟି ଅଧ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ଅଧ୍ୟାୟରେ ପ୍ରକଳ୍ପ ପୃଷ୍ଠଭୂମି, ପୁନର୍ବାସ ଏବଂ ଥାଇଥାନ (R&R) ନୀତି, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ନୀତିନିୟମ, କାର୍ଯ୍ୟ ପରିସର, ଉଦ୍ଦେଶ୍ୟ, ନମୁନା ଡିଜାଇନ୍ ଏବଂ ପଦ୍ଧତି, ପ୍ରକଳ୍ପର ଅବସ୍ଥାନ, ଜମି ଆବଶ୍ୟକତା, ଅଧ୍ୟୟନ ପଦ୍ଧତି ଏବଂ ପ୍ରକ୍ରିୟା, ସୀମିତତା ଇତ୍ୟାଦି ବର୍ଣ୍ଣନା ହୋଇଛି । ଦିତୀୟ ଅଧ୍ୟାୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କ୍ଷେତ୍ର ବିଷୟରେ ସଂପୂର୍ଣ୍ଣ ବିବରଣୀ ଦିଆଯାଇଛି । ତୃତୀୟ ଅଧ୍ୟାୟରେ ପ୍ରକଳ୍ପ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ଚଳଣି ଓ ଅବସ୍ଥା ଉପରେ ଧ୍ୟାନ ଦିଆଯାଇଛି । ଜମି ଅଧିଗ୍ରହଣ ବିଷୟରେ ଲୋକଙ୍କ ମତାମତ, ଏହାର ପ୍ରଭାବ ଏବଂ ଧାରଣା ଚତୁର୍ଥ ଅଧ୍ୟାୟରେ ସମୀକ୍ଷା କରାଯାଇଛି । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP), କ୍ଷୟକ୍ଷତି, ମୂଲ୍ୟ-ଲାଭ ସବୁର ବିଶ୍ଳେଷଣ ଏବଂ ସୁପାରିଶକୁ ଅନ୍ତର୍ଭୁକ୍ତ କରି ପଞ୍ଚମ ଅଧ୍ୟାୟ ଉଲ୍ଲେଖ କରାଯାଇଛି ।

## ମୁଖ୍ୟ ନିଷ୍କର୍ଷ

- ମୋଟ ୩୯.୭୦୨ ଏକର ଜମି ଅଧିଗ୍ରହଣ ହେବ ଯେଉଁଥିରୁ ୧୩.୭୮ ଏକର ସରକାରୀ ଜମି ଏବଂ ୨୫.୯୨୨ ଏକର ଘରୋଇ ଜମି ଏହି ପ୍ରକଳ୍ପ ଉଦ୍ଦେଶ୍ୟରେ ଅଧିଗ୍ରହଣ ହେବ ।

- ଆଗାମୀ ପ୍ରକଳ୍ପ ହେତୁ ସମୁଦାୟ ୩୯.୭୦୨ ଏକର ଜମି ପ୍ରଭାବିତ ହେବ ଏବଂ ସେହି ଜମି ମଧ୍ୟରୁ ୨୫.୬୪ ଏକର ଜମି ଅଧିଗ୍ରହଣ ହେବ । ଏହାଦ୍ୱାରା ସମୁଦାୟ ଜମିର ୩.୪୭% କ୍ଷତି ହେବ ଏବଂ ସମୁଦାୟ ପ୍ରଭାବିତ ଜମିର ୪୦.୦୨% କ୍ଷତି ହେବ ।
- ସମସ୍ତ ପ୍ରଭାବିତ ପରିବାର (୧୦୦%) ସେମାନଙ୍କର ଜମିକ୍ଷତି ପାଇଁ ନଗଦ ଟଙ୍କା କ୍ଷତିପୂରଣ ଏବଂ ଏହା ବ୍ୟତୀତ ପ୍ରକଳ୍ପ ସହାୟତା ବିଷୟରେ ମଧ ପ୍ରକାଶ କରିଛନ୍ତି ।
- ଆୟ ପୁନରୁଦ୍ଧାର ଦିଗରେ, ୧୦୦%ପରିବାର ନିର୍ମାଣ କାର୍ଯ୍ୟରେ ନିଯୁକ୍ତି ପାଇଁ ଚୟନ କରିଥିବାବେଳେ ୪.୫୪% ଅନ୍ୟ ବିକାଶ ଯୋଜନାରୁ ସହାୟତା / ଋଣ ଏବଂ ୧୮.୧୮% ଧନ୍ଦାମୂଳକ ତାଲିମ ପାଇଁ ଚୟନ କରିଛନ୍ତି ।
- ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ପ୍ରାୟ ୬୦% ପରିବାରଙ୍କର ପୂର୍ବରୁ ଧାରଣା ଥିଲା ।
- ୨୨ଟି ପ୍ରଭାବିତ ପରିବାର ମଧ୍ୟରୁ ୫ଟି ପରିବାର (ପ୍ରାୟ ୨୩%) ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି ଯେ ଯଦି ସେମାନେ ସମସ୍ତ ସୁବିଧା ପାଇବେ ଏବଂ ଟଙ୍କା କ୍ଷତିପୂରଣ ପାଇବେ ତେବେ ଏହି ପ୍ରକଳ୍ପ ସେମାନଙ୍କ ପାଇଁ ଲାଭଦାୟକ ହେବ ।
- ଲୋକମାନେ ଯୋଗାଯୋଗ, ପରିବହନ, ଜମି ମୂଲ୍ୟ ବୃଦ୍ଧି, ସ୍ୱୟଂ ନିଯୁକ୍ତି ପାଇଁ ସୁଯୋଗ ଏବଂ ଛୋଟ ବ୍ୟବସାୟର ସୁଯୋଗ ଇତ୍ୟାଦି ପାଇଁ ଆଶା କରନ୍ତି ।
- ପ୍ରକଳ୍ପ ଯୋଗୁଁ କୌଣସି ଉର୍ବର ଜମି ପ୍ରଭାବିତ ହେଉନାହିଁ । ତେଣୁ, କୃଷି ଉତ୍ପାଦନ ଉପରେ ସେପରି କୌଣସି ପ୍ରଭାବ ପଡ଼ିବ ନାହିଁ ।
- ବର୍ତ୍ତମାନର ପ୍ରକଳ୍ପ ପାଇଁ ପ୍ରଭାବିତ ପରିବାରଗୁଡିକର କୌଣସି ଆପତ୍ତି ନାହିଁ । ସେମାନଙ୍କର ସକାରାତ୍ମକ ଧାରଣା ଅଛି ଯେପରିକି, ସେମାନେ ଉନ୍ନତ ବ୍ୟବସାୟ ସୁଯୋଗ, ବଜାରୀକରଣ ସୁବିଧା, ରାସ୍ତା ସଂଯୋଗୀକରଣ ପାଇପାରିବେ । ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ଓ ସେମାନଙ୍କର ନିଯୁକ୍ତି ସୁଯୋଗ ବିଷୟରେ ମଧ ବହୁତ ଆଶାବାଦୀ ।
- ସ୍ଥାନୀୟ ଲୋକମାନେ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ହେବାକୁ ଆଗ୍ରହୀ ।
- ପ୍ରକଳ୍ପର ସମସ୍ତ କାର୍ଯ୍ୟରେ ଏହା ଦେଖାଯାଇଛିଯେ, ପ୍ରକଳ୍ପର କୌଣସି ବଡ଼ ପ୍ରତିକୂଳ ସାମାଜିକ ଖର୍ଚ୍ଚ ହେବ ନାହିଁ । ଉପରୋକ୍ତ ସମସ୍ତ ଖର୍ଚ୍ଚ ସରକାରଙ୍କ ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ, ୨୦୧୩ କିମ୍ବା ସାମାଜିକ ପ୍ରଭାବ ପରିଚାଳନା ଯୋଜନା ମାଧ୍ୟମରେ ପୂରଣ ହୋଇଛି । କାର୍ଯ୍ୟ ଏବଂ ପରିଚାଳନା ଯୋଜନାରେ ପରାମର୍ଶ ଦିଆଯାଇଥିବା ପଦକ୍ଷେପଗୁଡିକ ସମସ୍ତ ସମ୍ଭାବ୍ୟ ପ୍ରଭାବକୁ ସମାଧାନ କରିବ । ପ୍ରକଳ୍ପ ମୂଲ୍ୟ ତୁଳନାରେ ପଦକ୍ଷେପଗୁଡିକ କାର୍ଯ୍ୟକାରୀ କରିବାର ମୂଲ୍ୟ ଅତ୍ୟନ୍ତ କମ୍ ଏବଂ ତେଣୁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ଅଟେ ।
- ଶେଷରେ, ପ୍ରକଳ୍ପର ଫଳାଫଳ ସହିତ ଜଡିତ କିଛି ପ୍ରଭାବ ଅଛି ଯାହାକି କ୍ଷତିକାରକ ଏହା ଉଚିତ ପଦକ୍ଷେପ ମାଧ୍ୟମରେ ଯତ୍ନର ସହିତ ପରିଚାଳିତ ହେବା ଆବଶ୍ୟକ । ଏହା ବ୍ୟତୀତ ଲୋକଙ୍କ ପାଖରେ କିଛି ସ୍ଥାନୀୟ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ଆବଶ୍ୟକତା ଅଛି ଯାହା ଏହି ପ୍ରକଳ୍ପ ମାଧ୍ୟମରେ ପୂରଣ ହୋଇପାରିବ । ଫୋକସ୍ ଗ୍ରୁପ୍ (ନିର୍ଦ୍ଦିଷ୍ଟ ଦଳ) ଆଲୋଚନା ସମୟରେ ଦିଆଯାଇଥିବା ସ୍ଥାନୀୟ ଲୋକଙ୍କ ମତ ଏବଂ ମତାମତରୁ ନିମ୍ନଲିଖିତ ପରାମର୍ଶଗୁଡ଼ିକ ବାହାରିଥିଲା ।

## ପ୍ରସ୍ତାବିତ ସୁପାରିଶ

- ପ୍ରଭାବିତ ପରିବାର ଜମି ପାଇଁ ଜମି ଆବଶ୍ୟକ କରନ୍ତି ଯାହା କୃଷି ଏବଂ ଅଣ କୃଷି କାର୍ଯ୍ୟକଳାପ ପାଇଁ ଉପଯୁକ୍ତ ହେବ । ଅଧିଗ୍ରହଣକାରୀ ସଂସ୍ଥା ପ୍ରଭାବିତ ପରିବାରର ଚାହିଦାକୁ ବିଚାର କରିବା ଉଚିତ୍ ।
- ସ୍ଥାନୀୟ ବେକାର ଯୁବକମାନେ ଆଗାମୀ ପ୍ରକଳ୍ପରେ ନିୟୋଜିତ ହେବା ଉଚିତ୍ । ପ୍ରଭାବିତ ପରିବାରର ପିଲାମାନଙ୍କୁ ପ୍ରାଥମିକତା ଦିଆଯିବା ଉଚିତ୍ ।

- ଯେହେତୁ ପ୍ରଭାବିତ ଗ୍ରାମବାସୀ ଟାଟା କମ୍ପାନୀ ଦ୍ୱାରା ପୂର୍ବରୁ ଜମି ହରାଇଥିଲେ ଏବଂ ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇନଥିଲେ, ସେମାନେ ବଜାର ଦରଠାରୁ ଅତିକମରେ ୩ ରୁ ୪ ଗୁଣ ଅଧିକ ମୂଲ୍ୟ ଆବଶ୍ୟକ କରନ୍ତି ତେଣୁ ଏହାକୁ ବିଚାର କରାଯାଇପାରେ ।
- ସାଧାରଣ ସମ୍ପତ୍ତି ସମ୍ବଳ ସୁରକ୍ଷିତ ହେବା ଉଚିତ୍ ।
- TATASEZ ଲିମିଟେଡ୍ ରାସ୍ତା, ଜଳ ଯୋଗାଣ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପ୍ରତିଷ୍ଠାନର ଉନ୍ନତି ପରି କିଛି ବିକାଶମୂଳକ କାର୍ଯ୍ୟ କରିବା ଉଚିତ୍ ଏବଂ ପ୍ରାଥମିକତା ଭିତ୍ତିରେ ସଡକ ସଂଯୋଗକୁ ନିଆଯିବା ଉଚିତ୍ ।

ଆଗାମୀ ପ୍ରକଳ୍ପ ଏବଂ ଜମି ଅଧିଗ୍ରହଣ ହେତୁ ସମସ୍ତ କ୍ଷତି ଓଡିଶା ସରକାରଙ୍କ ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥାଇଥାନରେ ଉଚିତମୂଲ୍ୟ ପ୍ରଦନା ଓ ସ୍ୱଛତା ଅଧିକାର ନିୟମ, ୨୦୧୭ (ORFCTLAR & R) ଅନୁଯାୟୀ ଯଥାର୍ଥ କ୍ଷତିପୂରଣ ଏବଂ ସ୍ୱଛତା ଅବଲମ୍ବନ କରାଯିବା ଉଚିତ୍ ।

# ପରିଚୟ

## ୧ .୧ ପ୍ରକଳ୍ପ ପୃଷ୍ଠଭୂମି

ପ୍ରସ୍ତାବିତ କରିଡରଟି ଟିଏସେଏସଇଜେଡଏଲ (TSSEZL) ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ସଂଯୋଗ କରୁଛି ଏବଂ ଉଭୟ ପ୍ରତିଷ୍ଠାନ ଭବିଷ୍ୟତର ଉନ୍ନତିର ବହୁ ସମ୍ଭାବନା ଥିବା ସ୍ଥାନରେ ଅବସ୍ଥିତ । ଭବିଷ୍ୟତରେ ବଢୁଥିବା ଆବଶ୍ୟକତା କରିଡରର ଅଧିକ ବିସ୍ତାର ସହିତ ସ୍ଥାନିତ ହୋଇନପାରେ, ଯେହେତୁ କରିଡରର ଯେକୌଣସି ପ୍ରକାରର ସମ୍ପ୍ରସାରଣ ସ୍ଥାନୀୟ ପ୍ରତିଷ୍ଠାନର ହସ୍ତକ୍ଷେପ ବ୍ୟତୀତ ବିଭିନ୍ନ ଭିନ୍ନ ଭିନ୍ନ ସଂସ୍ଥାର ବହୁପ୍ରକାର ଅନୁମୋଦନ ଆବଶ୍ୟକ କରେ । ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସର୍ବନିମ୍ନ ୨୦ ବର୍ଷର ଦୃଷ୍ଟିକୋଣକୁ ବିଚାର କରି ଏହି ପ୍ରକାରର କରିଡର ନିର୍ମାଣ କରାଯିବ । ସେହି ଅନୁଯାୟୀ, ଅନ୍ୟ ୧୫ ମିଟର ଅତିରିକ୍ତ ଓସାରକୁ ବିଚାର କରାଯାଉଛି ।

ନିର୍ମାଣ, କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ପାଇପଲାଇନ ଏବଂ ଅନ୍ୟାନ୍ୟ ଉପଯୋଗୀତା ପାଇଁ ଜମିର ସର୍ବାଧିକ ବ୍ୟବହାରକୁ ଉପଯୋଗ କରିବାକୁ ଏକ ସାଧାରଣ କରିଡର ପ୍ରତିଷ୍ଠା କରାଯାଇଛି । ବ୍ୟକ୍ତିଗତ ପାଇପଲାଇନ ସ୍ଥାପନ କରିବା ଦ୍ୱାରା ଅନେକ ସରକାରୀ / ବେସରକାରୀ ସଂସ୍ଥାର ଅନୁମତି ସହିତ ସରକାରଙ୍କ ଦ୍ୱାରା ସ୍ଥାପିତ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ ଅଧିକ ଜମିର ଆବଶ୍ୟକତା ରହିଛି। ଏକ ଉତ୍ସର୍ଗୀକୃତ ସାଧାରଣ କରିଡର ପ୍ରତିଷ୍ଠା ଗ୍ରାହକଙ୍କୁ ଆଇନଗତ ସଂସ୍ଥାଗୁଡ଼ିକରେ ସର୍ବନିମ୍ନ ହସ୍ତକ୍ଷେପ ସହିତ ପାଇପଲାଇନ ସ୍ଥାପନ ପାଇଁ ପୂର୍ବରୁ ସ୍ଥାପିତ ଜମିକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ ଏବଂ ଉତ୍ପାଦ ପରିବହନ ପାଇଁ ପାଇପଲାଇନ ସ୍ଥାପନ ପାଇଁ ଏକ ସୁବିଧାଜନକ ରାସ୍ତା ପ୍ରଦାନ କରିଥାଏ । ଏକ ପାଇପଲାଇନ କରିଡରର ଡିଜାଇନ୍ ଏବଂ ବିକାଶ ହେଉଛି ଏକ ପୁନରାବୃତ୍ତି ପ୍ରକ୍ରିୟା ଏବଂ ଗ୍ରାହକଙ୍କ ଆବଶ୍ୟକତା, ମାର୍ଗର ସର୍ବାଧିକ ଉପଯୋଗ, ଜମି ଉପଲବ୍ଧତା ଏବଂ ଅନ୍ୟାନ୍ୟ କାରଣ ଉପରେ ଡିଜାଇନ୍ ଚୂଡ଼ାନ୍ତ ହୋଇଥିବାବେଳେ ଅନେକ ପଦକ୍ଷେପ ଚିହ୍ନଟ କରାଯାଇଥାଏ । ପାଇପଲାଇନ ହେଉଛି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତି ବାହକ । ବହୁ ପରିମାଣର ତରଳ / ଗ୍ୟାସ୍ ଉତ୍ପାଦର ଅଧିକ ଦୂରତ୍ୱ, ଅତି କମରେ ଲିକେଜ୍ କିମ୍ବା କ୍ଷତି ସହ ବହୁଦୂରକୁ କମ୍ ସମୟରେ ପରିବହନ ପାଇଁ ପାଇପଲାଇନ ବ୍ୟବହାର କରାଯାଏ ।

## ୧ .୨ ପ୍ରକଳ୍ପ ଅବସ୍ଥାନ

ଗୋପାଳପୁର ଓଡ଼ିଶାର ଏକ ଉପକୂଳବର୍ତ୍ତୀ ସହର ଅଟେ। ସହରଟି ବଙ୍ଗୋପସାଗର ନିକଟସ୍ଥ ଓ ରାଜଧାନୀ ଭୁବନେଶ୍ୱର ଠାରୁ ୧୭୦ କିଲୋମିଟର ଦୂରରେ ଅବସ୍ଥିତ । ଗୋପାଳପୁର ଉତ୍ତରରେ ପାରାଦୀପ ବନ୍ଦର ଏବଂ ଦକ୍ଷିଣରେ ବିଶାଖାପାଟନମ୍ ବନ୍ଦର ସହିତ ଭଲ ଭାବରେ ସଂଯୁକ୍ତ । ବହୁ ମାତ୍ରାରେ ବିଭିନ୍ନ ଶୃଙ୍ଖଳା ସାମଗ୍ରୀ ସଂରକ୍ଷଣ ପାଇଁ ବନ୍ଦରରେ ପର୍ଯ୍ୟାପ୍ତ ପରିମାଣର ଖୋଲା ସ୍ଥାନ ଅଛି । ଏହି ବନ୍ଦରଟି ବ୍ରଡ-ଗଜ୍ ହାଓଡା - ଚେନ୍ନାଇର ପୂର୍ବ ଉପକୂଳ ଟ୍ରଙ୍କ୍ ରୁଟ୍ ସହିତ ୬ କିଲୋମିଟର ଟ୍ରାକ୍ ଲମ୍ବା ସହିତ ସଂଯୁକ୍ତ ଏବଂ ୭ କିଲୋମିଟର ଦୈର୍ଘ୍ୟ ଜାତୀୟ ରାଜପଥ-୫୧୬ ଦେଇ ଜାତୀୟ ରାଜପଥ-୧୬ (କୋଲକାତା - ଚେନ୍ନାଇ) କୁ ପ୍ରବେଶ କରିପାରିବ ଯାହା ଦ୍ୱାରା ଉତ୍କୃଷ୍ଟ ରେଳ ଏବଂ ସଡ଼କ ସଂଯୋଗ ଉପଲବ୍ଧ ହେଉଛି । ଏହି ବନ୍ଦରଟି ଓଡିଶା, ଝାଡଖଣ୍ଡ ଏବଂ ଛତିଶଗଡର ରାଜ୍ୟର ଖଣିଜ ପଦାର୍ଥ, ଇସ୍ପାତ, ଆଲୁମିନିୟମ, ସିମେଣ୍ଟ ଏବଂ ପାୱାର ପ୍ଲାଣ୍ଟର ଦ୍ରବ୍ୟ ପରିବହନ କରିବାରେ ବହୁତ ସାହାଯ୍ୟ କରିଥାଏ । ମାର୍ଚ୍ଚ ୨୦୧୩ ମସିହାରେ ସୀମିତ କାର୍ଯ୍ୟକ୍ଷମ ଭିତ୍ତିଭୂମି ସହିତ ବନ୍ଦରକୁ କାର୍ଯ୍ୟକ୍ଷମ କରାଗଲା ଏବଂ ସେବେଠାରୁ ଏହା ଚାଲିଛି । ଏହି ବନ୍ଦରଟି ବର୍ତ୍ତମାନ ୧୩.୫ ମିଟରର ଗଭୀର ଓ ୮୦୦ ମିଟର ଲମ୍ବର ରହଣୀସ୍ଥଳ ସହ ହ୍ୟାଣ୍ଡୀମ୍ୟାକ୍ସ ଏବଂ ସୁପରମାକ୍ସ ଜାହାଜଗୁଡିକ ପରିଚାଳନା କରୁଛି ।

ଭାରତୀୟ ବିରଳ ମୃର୍ତ୍ତିକା ସଂସ୍ଥା, ଖଣିଜ ପଦାର୍ଥ ଏବଂ ମୂଲ୍ୟବାନ ପଥର ସନ୍ଧାନରେ ବନ୍ଦର ଅଞ୍ଚଳ ନିକଟରେ ପ୍ରମୁଖ ଖନନ କାର୍ଯ୍ୟ କରିଛି ଏବଂ ସଫଳ ଖୋଳିବା କାର୍ଯ୍ୟ ସମାପ୍ତ ହେବା ପରେ ସମଗ୍ର ଅଞ୍ଚଳ ଉପକୂଳ ଏବଂ ନିକଟବର୍ତ୍ତୀ ଅଞ୍ଚଳରୁ ବାଲିରେ ପୋତି ଦେଇଛି  ଯାହାକି ଏହି ଅଞ୍ଚଳର ପରିବେଶ, ଜୀବଜନ୍ତୁ ଏବଂ ଉଦ୍ଭିଦକୁ ବହୁଳ ଭାବରେ ପରିବର୍ତ୍ତନ କରିଛି । ଏହା ମଧ୍ୟ ଏହି ଅଞ୍ଚଳର ଭୂ-ଗର୍ଭ ଜଳ ଓ ଜଳଅବବାହିକା ଉପରେ ମଧ୍ୟ ପ୍ରଭାବ ପକାଇଛି । ଏହି ଖନନ ଦ୍ୱାରା ଅତ୍ୟଧିକ ଜଳପ୍ରବାହ ଓ ଜଳରାଶିଗୁଡ଼ିକ ସୃଷ୍ଟି ହୋଇଥିବାରୁ ଉକ୍ତ ଅଞ୍ଚଳରେ ଥିବା ବାଲୁକାଭୂମିରେ ଅନେକ ନୂତନ ଜଳଉତ୍ସ ସୃଷ୍ଟି ହୋଇଛି ।

**ପ୍ରକଳ୍ପର ଲାଭ**

- ଉକ୍ତ କରିଡର ଘରୋଇ ଜମିର ବ୍ୟବହାରକୁ କମ୍ କରିବ ।
- ଉକ୍ତ କରିଡର ସରକାରୀ ଜମିଗୁଡିକର ସର୍ବାଧିକ ବ୍ୟବହାର କରିବ ।
- ଉକ୍ତ କରିଡର କୌଣସି ପ୍ରତିବନ୍ଧିତ ଅଞ୍ଚଳ ଦେଇ ଯିବ ନାହିଁ ।
- ଉକ୍ତ କରିଡର ଗଛ ନକାଟିବା ପାଇଁ, ଜଙ୍ଗଲ ଜମିର ବ୍ୟବହାରକୁ କମ୍ କରିବ ।
- ଉକ୍ତ କରିଡର ସକ୍ଷମ କାର୍ଯ୍ୟଗୁଡ଼ିର ତରଙ୍ଗିତ ଗତିକୁ ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ ।
- କରିଡର ଆଖପାଖରେ ଜଳ ପ୍ରବାହର ଢାଞ୍ଚାକୁ ବିଚାର କରିବ ଯାହା ଦ୍ୱାରା ନିମ୍ନ ଭୂମିରୁ ଦୂରେଇ ରହିବ ।
- କରିଡର ଚାଷ ଜମିର ବ୍ୟବହାରକୁ କମ୍ କରିବ ।
- କରିଡର ଯଥାସମ୍ଭବ ରାଜପଥ, ରେଳବାଇ ଏବଂ ଇଲେକ୍ଟ୍ରିକ୍ ଲାଇନ୍ ଠାରୁ ଦୂରେଇ ରହିବ ।

**ପ୍ରକଳ୍ପଟି ସର୍ବସାଧାରଣ ଉଦ୍ଦେଶ୍ୟରେ ସେବା କରେ କି ?**

ଭାରତରେ ସାମ୍ବିଧାନିକ ଏବଂ ବିଧି ବ୍ୟବସ୍ଥା ସର୍ବସାଧାରଣ ଉଦ୍ଦେଶ୍ୟର ନୀତି ଗ୍ରହଣ କରେ, ଯାହାର ଅର୍ଥ ହେଉଛି ଦେଶର ବିକାଶ ପାଇଁ ରାଜ୍ୟଦ୍ୱାରା ଜମି ଅଧିଗ୍ରହଣ । ତେଣୁ, ଏହା ଏକ ସ୍ପଷ୍ଟ ସୂଚକ ଅଟେ ଯେ ସର୍ବସାଧାରଣ ଉଦ୍ଦେଶ୍ୟକୁ ବାକ୍ୟକୁ ବ୍ୟାପକ ବ୍ୟାଖ୍ୟା କରିବା ହେଉଛି ଏହାର ଉଦ୍ଦେଶ୍ୟ । ଧାରା ୩୧ ର ଧାରା (୧) ଏବଂ (୨) ତିନୋଟି ସୀମାବଦ୍ଧତା ଧାରଣ କରିଛି ଯେଉଁଥିରେ ରାଜ୍ୟ ଏହାର ପ୍ରତିଷ୍ଠା ଓ ଉନ୍ନୟନ କାର୍ଯ୍ୟପାଇଁ କ୍ଷେତ୍ରୀୟଶକ୍ତି ବ୍ୟବହାର କରିପାରିବ ।  ଧାରା ୩୧ ଗ୍ୟାରେଣ୍ଟି ଦିଏ ଯେ ଏକ କାର୍ଯ୍ୟନିର୍ବାହୀ ଆଦେଶ ଦ୍ୱାରା ଜଣେ ବ୍ୟକ୍ତି ତାଙ୍କ ସମ୍ପତ୍ତିରୁ ବଞ୍ଚିତ ହୋଇପାରିବ ନାହିଁ । ଦ୍ୱିତୀୟତଃ, ଏହିପରି ବଞ୍ଚିତତା କେବଳ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ହୋଇପାରେ ଏବଂ ତୃତୀୟତଃ, ବଞ୍ଚିତ ସମ୍ପତ୍ତିର କ୍ଷତିପୂରଣ ଅର୍ଜନ ହୋଇଥିବା ସମ୍ପତ୍ତିର ବଜାର ମୂଲ୍ୟ ସହିତ ସମାନ ହେବା ଆବଶ୍ୟକ । ସ୍ୱାଧୀନତା ଏବଂ ସମ୍ବିଧାନ ଆସିବା ପରେ ମଧ୍ୟ ଜମି ଅଧିଗ୍ରହଣ ଅଧିନିୟମ, ୧୮୯୪,  ୩୧ ଡିସେମ୍ବର, ୨୦୧୩ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଯେତେବେଳେ ଏହାକୁ ରଦ୍ଦ କରାଯାଇଥିଲା ଏବଂ ନୂତନ ଜମି ଅଧିଗ୍ରହଣ ଆଇନ ତଥା ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ ଲାଗୁ କରାଗଲା । ଏହି ଆଇନ ଜନସାଧାରଣଙ୍କ ଉପକାର, ସୁବିଧା ଓ ଆଗ୍ରହ ଯାହା ଆଇନଗତ ଭାବରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଯଥା, କେବଳ ନୈତିକ ସ୍ୱାର୍ଥ, ଜାତୀୟ ସୁରକ୍ଷା, ଭିତ୍ତିଭୂମି ପ୍ରକଳ୍ପ ଇତ୍ୟାଦି ପାଇଁ ଲାଗୁ ହୁଏ । ଅଧିନିୟମ ୨୦୧୩ ସର୍ବସାଧାରଣ ଉଦ୍ଦେଶ୍ୟ ଭାବରେ ଆଠ ପ୍ରକାରର ଜମି ଅଧିଗ୍ରହଣକୁ ଧାର୍ଯ୍ୟ କରିଛି ଯାହା ନିମ୍ନରେ ଉଲ୍ଲେଖ ହୋଇଛି:

## ୧.୩  ଆଇନଗତ ଢାଞ୍ଚା

ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ସାମଗ୍ରିକ ସାମାଜିକ-ଅର୍ଥନୈତିକ ଏବଂ ପରିବେଶ ସ୍ଥିତିର ସୁରକ୍ଷା ତଥା ଉନ୍ନତି ପାଇଁ ଆଇନଗତ ଉଦ୍ଦେଶ୍ୟ ରହିଛି । ବର୍ତ୍ତମାନର ଆଇନ ଏବଂ ନୀତିଗୁଡିକ ଥଇଥାନ ଏବଂ ପୁନର୍ବାସ ଯୋଜନାର, ଯୋଜନା ଏବଂ କାର୍ଯ୍ୟାନ୍ୱୟନ ପାଇଁ ଏକ ଢାଞ୍ଚା ପ୍ରଦାନକରେ ଯାହା ପ୍ରଭାବିତ ଗ୍ରାମଗୁଡିକରେ ନିରନ୍ତର ଆୟ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳ, ପରିମଳ ଏବଂ ଉପଯୁକ୍ତ ଜୀବିକାର ସୁଯୋଗ ହାସଲ କରିବ ।  ଜମି ଅଧିଗ୍ରହଣ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ

ଆଇନ, କ୍ଷତିଗ୍ରସ୍ତ  ଜନସାଧାରଣଙ୍କ ଥଇଥାନ ଏବଂ ପୁନର୍ବାସ ଯୋଜନା ଏବଂ ଅନୁକୂଳ ପରିବେଶ ପାଇଁ ନୀତି ପ୍ରଣୟନ କରିଛନ୍ତି ଓ ଏଥିପାଇଁ ବିଶେଷ ଧ୍ୟାନ ଦିଆଯାଇଛି ।

ଜମି ଅଧିଗ୍ରହଣ ପାଇଁ, ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଆଇନଗତ ପ୍ରକ୍ରିୟା ବୁଝିବା ଏବଂ ଫାଙ୍କା ସ୍ଥାନ ଚିହ୍ନଟ କରିବା ଏବଂ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ପୁନର୍ବାସ ଓ ଥଇଥାନ ନୀତି ତଥା ବ୍ୟକ୍ତି ବିଶେଷରେ ବିକାଶ ଯୋଜନାକୁ ପାଳନ କରିବା ପାଇଁ ଦୃଢତାର ଆବଶ୍ୟକତା ଥିବା କାର୍ଯ୍ୟକୁ ଚିହ୍ନଟ କରିବା ପାଇଁ କାର୍ଯ୍ୟଗୁଡ଼ିକୁ ବିଶ୍ଳେଷଣ କରିବା ଜରୁରୀ ଅଟେ ।  ନିମ୍ନଲିଖିତ ଉପବିଭାଗଗୁଡ଼ିକରେ ଆଇନଗତ ନୀତି ଓ ନିୟମର ଉଲ୍ଲେଖ ହୋଇଛି, ଯେଉଁ ଅନୁସାରେ ସମସ୍ତ ସାମାଜିକ ପ୍ରତିବନ୍ଧକକୁ ଦୃଷ୍ଟିରେରଖି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହେବ ଓ ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ର ଅନୁସାରେ ସମସ୍ତ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସେମାନଙ୍କର ଉଚିତ ପ୍ରାପ୍ୟ ମିଳିବ ।  ଏକ ପୃଥକ ପୁନର୍ବାସ ଓ ଥଇଥାନ ନୀତିର ପ୍ରସ୍ତୁତି ପ୍ରକଳ୍ପର କାର୍ଯ୍ୟକାରିତା ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସାମାଜିକ ତଥା ସମସ୍ୟାର ସମାଧାନ ପାଇଁ ବିଦ୍ୟମାନ ହୋଇଛି ।

**ଜମି ଅଧିଗ୍ରହଣ ଅଧିନିୟମ, ୧୮୯୪**

- ଜମି ଅଧିଗ୍ରହଣ ଅଧିନିୟମ, ୧୮୯୪,  ୧୯୮୪ ମସିହାରେ ସଂଶୋଧନ କରାଯାଇ ସରକାର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରନ୍ତି ।  ଏହି ସମ୍ପତ୍ତିରେ ସମ୍ପତ୍ତି ଅର୍ଜନ କରିବାର ପ୍ରକ୍ରିୟା ମଧ୍ୟ ବର୍ଣ୍ଣନା କରାଯାଇଛି | ଏହା ଏକ କେନ୍ଦ୍ରୀୟ ଅଧିନିୟମ ଏବଂ ଏହା ସମସ୍ତ ରାଜ୍ୟ ପାଇଁ ପ୍ରଯୁଜ୍ୟ ଯଦିଓ ରାଜ୍ୟଗୁଡିକ ପରିବର୍ତ୍ତନ (ସଂଶୋଧନ) କରିବାକୁ ଅନୁମତି ଦେଇଛନ୍ତି ଯେପର୍ଯ୍ୟନ୍ତ ଏହି ପରିବର୍ତ୍ତନଗୁଡିକ ଏହି ନିୟମକୁ ବିରୋଧ କରୁନାହାଁନ୍ତି ।

- ଜମି ଅଧିଗ୍ରହଣରେ ସବୁଠାରୁ ବିବାଦୀୟ ବିଷୟ ହେଉଛି "ଜନସାଧାରଣଙ୍କ ଉଦ୍ଦେଶ୍ୟ" ଏବଂ ରାଜ୍ୟ ସରକାରଙ୍କର, ଏହି ପରିପ୍ରେକ୍ଷୀରେ ନିଜସ୍ୱ କ୍ଷମତା ରହିଅଛି ।  ଏହି ନିୟମ "ସାର୍ବଜନୀନ ଉଦ୍ଦେଶ୍ୟ" ର କୌଣସି ସଂପୂର୍ଣ୍ଣ ପରିଭାଷା ପ୍ରଦାନ କରେ ନାହିଁ ଏବଂ କେବଳ ସେହି ପ୍ରକାରର ଜିନିଷଗୁଡିକର ଉଦାହରଣ ଦେଇଥାଏ ଯାହାକୁ ସର୍ବସାଧାରଣ ଉଦ୍ଦେଶ୍ୟ ଭାବରେ ବିବେଚନା କରାଯାଇପାରେ ଯଥା- (କ) ଗ୍ରାମର ସୀମା ନିର୍ଦ୍ଧାରଣ, କିମ୍ବା ବିଦ୍ୟମାନ ଗାଁର ସମ୍ପ୍ରସାରଣ, ଯୋଜନାବଦ୍ଧ ବିକାଶ କିମ୍ବା ଉନ୍ନତି, (ଖ) ସହର କିମ୍ବା ଗ୍ରାମାଞ୍ଚଳ ଯୋଜନା ପାଇଁ ଜମି ଯୋଗାଣ, (ଗ) ଯେକୌଣସି ଯୋଜନା କିମ୍ବା ସରକାରୀ ନୀତି ଅନୁଯାୟୀ ସରକାରୀ ପାଣ୍ଠିରୁ ଜମିର ଯୋଜନାବଦ୍ଧ ବିକାଶ ପାଇଁ ଜମି ଯୋଗାଣ ଏବଂ ପରବର୍ତ୍ତୀ ସମୟରେ ଏହାର ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଲିଜ୍, ହସ୍ତାନ୍ତର କିମ୍ବା ଯୋଜନାବଦ୍ଧ ଭାବରେ ଅଧିକ ବିକାଶର ଯୋଜନା ସହିତ କ୍ରୟ/ବିକ୍ରୟ, (ଘ) ରାଜ୍ୟ ମାଲିକାନା କିମ୍ବା ନିୟନ୍ତ୍ରିତ ଏକ ନିଗମ ପାଇଁ ଜମି ଯୋଗାଣ;  (ଙ) ସରକାରଙ୍କ ଯୋଜନା ଅନୁସାରେ ଭୂମିହିନ ବ୍ୟକ୍ତିଙ୍କ ଥଇଥାନ, ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷତିଗ୍ରସ୍ତ, ସରକାରଙ୍କ କୌଣସି ଯୋଜନା ଦ୍ୱାରା ବିସ୍ଥାପିତ ବ୍ୟକ୍ତିଙ୍କ ପାଇଁ ବାସଗୃହ ନିର୍ମାଣ ପାଇଁ ଜମି ଅଧିଗ୍ରହଣ; (ଚ) ଯେକୌଣସି ଶିକ୍ଷାଗତ ଗୃହ, ସ୍ୱାସ୍ଥ୍ୟ କିମ୍ବା ବସ୍ତି ଉଚ୍ଛେଦ ଯୋଜନା, ପ୍ରାୟୋଜିତ କିମ୍ବା ଏହିପରି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କୌଣସି କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉପଯୁକ୍ତ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ ଜମି ପ୍ରଦାନ କିମ୍ବା ସୋସାଇଟିସ୍ ରେଜିଷ୍ଟ୍ରେସନ୍ ଆକ୍ଟ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବା ଏକ ସମାଜ, କିମ୍ବା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମୟ ପାଇଁ ସମବାୟ ସମିତି ସହ ଜଡିତ କୌଣସି ଆଇନର ଅର୍ଥ ମଧ୍ୟରେ ଏକ ରାଜ୍ୟ କିମ୍ବା ସମବାୟ ସମିତିରେ କାର୍ଯ୍ୟକାରୀ ହେବା ପାଇଁ କୌଣସି ଅନୁରୂପ ଆଇନ ଅନୁଯାୟୀ ଜମି ଅଧିଗ୍ରହଣ; (ଛ) ସରକାରଙ୍କର ଦ୍ୱାରା ଅନୁମୋଦିତ ବା ପ୍ରାୟୋଯିତ କୌଣସି ଉନ୍ନତି ମୂଳକ କାର୍ଯ୍ୟକ୍ରମ କିମ୍ବା ସ୍ଥାନୀୟ ସରକାରୀ ଅନୁମୋଦିତ ଅଧିକାରୀଙ୍କ ଜମି ଅଧିଗ୍ରାହଣ, (ଜ) କମ୍ପାନୀ ପାଇଁ ଜମିକୁ ଛାଡି ସରକାରୀ ଅଫିସ ପାଇଁ ଯେକୌଣସି ଜମି ଅଧିଗ୍ରହଣ କ୍ଷେତ୍ରରେ ଲାଗୁହେବ ।

## ଓଡିଶା ପୁନର୍ବାସ ଓ ଥଇଥାନ ନୀତି, ୨୦୦୬

- ଅଧିକାଂଶ କ୍ଷେତ୍ରରେ, ଜମି ଅଧିଗ୍ରହଣ, ୧୮୯୪ (୧୯୮୪ରେ ସଂଶୋଧିତ) ହେଉଛି ଏକମାତ୍ର ନିୟମ, ଯାହା ବିକାଶମୂଳକ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ବ୍ୟବହୃତ ହୋଇଛି ।  ଏହି ନିୟମ ଅଧିଗ୍ରହଣ ହୋଇଥିବା ଜମି ଏବଂ ଏହା ଉପରେ ଗଠନ ପାଇଁ ନଗଦ କ୍ଷତିପୂରଣ ପ୍ରଦାନ କରେ । ଏହା ଅଧୀନରେ ଧାର୍ଯ୍ୟ ହୋଇଥିବା କ୍ଷତିପୂରଣର ଜଟିଳ ବ୍ୟବସ୍ଥା ଦାବିଦାରଙ୍କ ଆଇନଗତ ଅଧିକାର ଏବଂ ସ୍ୱାର୍ଥକୁ ଅସ୍ୱୀକାର କରେ । ଏହି ନିୟମ କେବଳ ବ୍ୟକ୍ତିବିଶେଷଙ୍କୁ ଚିହ୍ନିଥାଏ । ଏହା ସାମୂହିକ କିମ୍ବା ସମ୍ପ୍ରଦାୟର ଅଧିକାର ଏବଂ ବଂଶାନୁକ୍ରମିକ ଉପଯୋଗିତା (ବ୍ୟବହାର ଏବଂ ଲାଭ) ଅଧିକାରକୁ ଚିହ୍ନି ନାହିଁ । ପୁନଶ୍ଚ, ଅଧିନିୟମ କେବଳ ଅଧିକାରର ରେକର୍ଡଗୁଡ଼ିକୁ ଚିହ୍ନିଥାଏ । ଯେହେତୁ ପ୍ରଶାସନ ଏକତ୍ର ପୀଢି  ପୀଢି  ଧରି ସରକାରୀ ଜମି ଦଖଲ କରିଛି କିନ୍ତୁ ଏହାର କୌଣସି ରେକର୍ଡ ନାହିଁ କିମ୍ବା ପାରମ୍ପରିକ ଭାବରେ ସାଧାରଣ ସମ୍ପତ୍ତି ଉତ୍ସ (ଉଚଜ) ଉପରେ ନିର୍ଭରଶୀଳ ହୋଇଛି କିମ୍ବା ଗ୍ରାମର ସମସ୍ତ ସମ୍ପ୍ରଦାୟକୁ ସେବା ପ୍ରଦାନ କରି ବଞ୍ଚିଛନ୍ତି, ଏହା ଅଧୀନରେ କୌଣସି କ୍ଷତିପୂରଣ ପାଇବାକୁ ଯୋଗ୍ୟ ନୁହଁନ୍ତି ।

- ଓଡିଶା ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ୨୦୦୬ ପ୍ରଚଳିତ ଜମି ଅଧିଗ୍ରହଣ ଆଇନ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି । ଏହି ନୀତିରେ ଏକ ସାମାଜିକ-ଅର୍ଥନୈତିକ ଅଧ୍ୟୟନ ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ଧାର୍ଯ୍ୟ କରିଥିଲା ଯାହାକି ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ-ସାଂସ୍କୃତିକ, ସମ୍ବଳ ମାନଚିତ୍ର ଏବଂ ଭିତ୍ତିଭୂମି ସର୍ବେକ୍ଷଣ ଏବଂ ପ୍ରଭାବିତ ଅଞ୍ଚଳରେ କାର୍ଯ୍ୟକାରିତା ପାଇଁ ସଚେତନତା ସୃଷ୍ଟି ପାଇଁ ଏକ ବିସ୍ତୃତ ଯୋଗାଯୋଗ ଯୋଜନା ପ୍ରସ୍ତୁତ କରିଥାଏ ।  ଜମି ଅଧିଗ୍ରହଣ ପ୍ରସ୍ତାବ ଆରମ୍ଭ କରିବା ପୂର୍ବରୁ ନୀତି ନିର୍ଦ୍ଧାରିତ ଅଞ୍ଚଳରେ ଉପଯୁକ୍ତ ସ୍ତରରେ ଗ୍ରାମ ସଭା କିମ୍ବା ପଞ୍ଚାୟତ ସହିତ ପରାମର୍ଶ କରିବା ଆବଶ୍ୟକ । ଏହି ନୀତି ଅସୁରକ୍ଷିତ ବ୍ୟକ୍ତି, ଶାରୀରିକ ତଥା ମାନସିକ ସ୍ତରରେ ଅକ୍ଷମ, ବିଧବା ଇତ୍ୟାଦିଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପରିବାରର ପରିଭାଷାକୁ ବିସ୍ତାର କରିଥିଲା । ଏହି ନୀତିରେ ପ୍ରକଳ୍ପ ପ୍ରସ୍ତାବକ, କ୍ଷତିଗ୍ରସ୍ତ ପରିବାରର  ରୋଜଗାରର ପାଇଁ ପ୍ରତ୍ୟେକ ପ୍ରଭାବିତ ଯୋଗ୍ୟ ପରିବାରର ଜଣେ ମନୋନୀତ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ଅଗ୍ରାଧିକାର ଦେବା ଏବଂ ସ୍ୱରୋଯୋଗାର ପାଇଁ ତାଲିମ ପ୍ରଦାନ, ନିଯୁକ୍ତି, ହୋମଷ୍ଟେଡ୍ ଜମି, ସ୍ୱ-ସ୍ଥାନାନ୍ତର ପାଇଁ ସହାୟତା ଏବଂ ବିସ୍ଥାପିତ ପରିବାର ପାଇଁ ପରିବର୍ତ୍ତନଶୀଳ ପସନ୍ଦ ଅଂଶଧନକୁ ଗ୍ରହୀତା ହେବା ପାଇଁ ଏକ ବିକଳ୍ପ ପ୍ରଦାନ କରେ ।  ସମ୍ଭବତଃ ପ୍ରଥମ ଥର ପାଇଁ, ସେମାନଙ୍କ ବାସସ୍ଥାନ ନିକଟରେ ଥିବା ଏକ ଏକକ ଅଞ୍ଚଳରେ ବସତି ପାଇଁ ଆଦିବାସୀ ତଥା ଆଦିମ ଆଦିବାସୀ ଗୋଷ୍ଠୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ।

## ଜାତୀୟ ପୁନର୍ବାସ ଏବଂ ଥଇଥାନ ନୀତି, ୨୦୦୭

- ଜାତୀୟ ପୁନର୍ବାସ ଏବଂ ଥଇଥାନ ନୀତି, ୨୦୦୭ ପୂର୍ବ  ପୁନର୍ବାସ ଏବଂ ଥଇଥାନ ନୀତିରେ ଅନେକ ତ୍ରୁଟି ଦୂର କରିବାକୁ ଚେଷ୍ଟା କରିଛି ଏବଂ ଭାରତୀୟ ପୁନର୍ବାସ ଏବଂ ଥଇଥାନ ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ପ୍ରତିନିଧିତ୍ୱ କରୁଛି । ପୁରାତନ ନୀତିର ତ୍ରୁଟି ଏହାର ସୀମିତ ପ୍ରଯୁଜ୍ୟତା ସହିତ ଜଡିତ (କ) ସାଧାରଣ ଅଞ୍ଚଳରେ ୫୦୦ ପରିବାର ଏବଂ ପାହାଡ଼ିଆ ଅଞ୍ଚଳରେ ୨୫୦ ପରିବାର, ମରୁଭୂମି ବିକାଶ ବ୍ଲକ ଏବଂ ଭାରତର ସମ୍ବିଧାନର ନିର୍ଦ୍ଧାରିତ ୫ ଏବଂ ୬ ଅଞ୍ଚଳରେ (ଖ) ଏହାର ଗୁରୁତ୍ୱ ଦେବାରେ ବିଫଳତା; ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଅଣ-ବିସ୍ଥାପନ କିମ୍ବା ସର୍ବନିମ୍ନ ବିସ୍ଥାପନ ବିକଳ୍ପ (ଗ) ଜମି ଅଧିଗ୍ରହଣରୁ ସ୍ୱେଚ୍ଛାକୃତ ବିସ୍ଥାପନ ପୂର୍ବରୁ ପ୍ରଭାବିତ ଲୋକଙ୍କ ପୂର୍ବ ସମ୍ମତି ଅନ୍ତର୍ଭୁକ୍ତ ନକରିବା (ଘ) ପ୍ରକଳ୍ପ / ଗୁଡିକର ସାମାଜିକ ଅର୍ଥନୈତିକ, ସାଂସ୍କୃତିକ କିମ୍ବା ଜନସଂଖ୍ୟା ପ୍ରଭାବର ମୂଲ୍ୟାଙ୍କନ ପାଇଁ ବ୍ୟବସ୍ଥାର ଅନୁପସ୍ଥିତି । ଅନିଚ୍ଛାକୃତ ଜମି ଅଧିଗ୍ରହଣ ସହିତ ଜଡିତ (ଙ) ପ୍ରଭାବିତ ପରିବାର ପାଇଁ ଜୀବିକା ସୁରକ୍ଷା ପାଇଁ ସୀମିତ ବ୍ୟବସ୍ଥା (ଚ) ଥଇଥାନ ହେବା ପରେ ପ୍ରଭାବିତ ପରିବାରର

ଜୀବନଧାରଣର ଉନ୍ନତି ପାଇଁ ସର୍ବନିମ୍ନ ଗୁରୁତ୍ୱ (ଛ) ସୀମିତ ଜମି ଅଧିଗ୍ରହଣ (ଜ) ଇଚ୍ଛାଶକ୍ତିର ମୂଲ୍ୟାଙ୍କନ ପାଇଁ ବ୍ୟବସ୍ଥାର ଅଭାବ ଏବଂ ପ୍ରକଳ୍ପର ଯଥାର୍ଥତା ଏବଂ ଅଧିଗ୍ରହଣ ହେବାକୁ ଥିବା ଜମିର ସର୍ବୋଚ୍ଚ କ୍ଷେତ୍ରର ମୂଲ୍ୟାଙ୍କନ, (ଝ) ପୁନର୍ବାସ ଓ ଥଇଥାନ କାର୍ଯ୍ୟର କ୍ଷତିପୂରଣ ପାଇଁ ସମୟ ସୀମା ପ୍ରଦାନ କରିବାର କୌଣସି ବ୍ୟବସ୍ଥା ନାହିଁ, ଅଧିଗ୍ରହଣ ହୋଇଥିବା ଜମିର ଉପଯୋଗ ଏବଂ ଅଧିକ ଜମି ଅଧିଗ୍ରହଣ (ଞ) ସମାଜର ଅସୁରକ୍ଷିତ ବର୍ଗର ଚିନ୍ତାଧାରା ଯେପରିକି ଅନୁସୂଚିତ ଜାତି ଓ ଜନଜାତି, ମହିଳା, ଦରିଦ୍ର ଇତ୍ୟାଦି ଙ୍କ ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥାର ଅନୁପସ୍ଥିତି ଏବଂ (xi) ଶୀଘ୍ର ସମାଧାନ ପାଇଁ ଅଭିଯୋଗ ଓ ପ୍ରଭାବଶାଳୀ ନୀତି/ନିୟମର ଅନୁପସ୍ଥିତି ।

- ଜାତୀୟ ପୁନର୍ବାସ ଏବଂ ଥଇଥାନ ନୀତି ୨୦୦୭ ଉପରୋକ୍ତ ତ୍ରୁଟି ଗୁଡିକୁ ଦୃଷ୍ଟିରେ ରଖି, ଅଣବିସ୍ଥାପନ କିମ୍ବା ସର୍ବନିମ୍ନ ବିସ୍ଥାପନକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟକୁ ବିସ୍ତାର କରିଥିଲା । ବିସ୍ଥାପନ ପରେ ସମାଜର ଦୁର୍ବଳ ଶ୍ରେଣୀର ଅଧିକାରକୁ ଦୃଷ୍ଟିରେ ରଖି ଏକ ପର୍ଯ୍ୟାପ୍ତ ପୁନର୍ବାସ ପ୍ୟାକେଜ୍ ର ଶୀଘ୍ର କାର୍ଯ୍ୟକାରିତା, ଥଇଥାନ ଚିନ୍ତାଧାରାକୁ ବିକାଶ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଏକୀକୃତ କରିବାପାଇଁ ଚେଷ୍ଟା କରିଥିଲା । ଏହି ନୀତି ପ୍ରଭାବିତ ବ୍ୟକ୍ତିଙ୍କ ସଂଖ୍ୟା ନିର୍ବିଶେଷରେ ଲୋକଙ୍କ ଅନିଚ୍ଛାକୃତ ବିସ୍ଥାପନ ସହିତ ଜଡିତ ଯେକୌଣସି ପ୍ରକଳ୍ପକୁ ବ୍ୟାଖ୍ୟା କରି ପୁନର୍ବାସ ଏବଂ ଥଇଥାନ ନୀତି ପୁନଃ ବ୍ୟାଖ୍ୟା କରିଛି | ସାମାଜିକ ପ୍ରଭାବ ଆକଳନ (SIA) ଏବଂ ଆଦିବାସୀ ବିକାଶ ଯୋଜନା (TDP) ପ୍ରକଳ୍ପଗୁଡିକ ପାଇଁ ବାଧତାମୂଳକ କରାଯାଇଛି ଯାହା ପୂର୍ବ ନିର୍ଦ୍ଧାରିତ ସୀମାଠାରୁ ଅଧିକ ସ୍ଥାନାନ୍ତର କରିଥାଏ । ନୂତନ ନୀତି ୨୦୦୭ ସମାଜର ଅସୁରକ୍ଷିତ ବିଭାଗ ଯଥା ବୃଦ୍ଧ, ଅକ୍ଷମ, ମହିଳା ଏବଂ ଆଦିବାସୀ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇଥାଏ । ଆଜୀବନ ଭତ୍ତା, ଏକକ ସ୍ଥାନରେ ପୁନର୍ବାସ, ଆର୍ଥିକ କ୍ଷତିର ଭରଣା, ଆଦିବାସୀମାନଙ୍କ ପାଇଁ ଜଙ୍ଗଲଜାତ ଦ୍ରବ୍ୟର ବ୍ୟବହାର, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଥଇଥାନ ଇତ୍ୟାଦି ଉପରେ ଗୁରୁତ୍ୱ, ପୁନର୍ବାସ ସ୍ଥାନ ଗୁଡିକରେ ସଂରକ୍ଷଣ ସୁବିଧା ଜାରି ରଖିବା, ଆକାର ଅନୁଯାୟୀ ବିକଳ୍ପଗୁଡିକ ଆକଳନ କରିବା ପାଇଁ ୱଓଇ ଏକ ଦୃଷ୍ଟି ତଥା ପରାମର୍ଶ ପାଇଁ କ୍ଷମତା ପ୍ରଦାନ କରିଥିଲା, ଏହା ବିସ୍ଥାପନ ସହିତ ଜଡିତ ପ୍ରକଳ୍ପଗୁଡିକ ଉପରେ ଏକ ନୂତନ ଅଧ୍ୟାୟ ପ୍ରବର୍ତ୍ତନ କଲା ଯାହାକି ସାଧାରଣ ଅଞ୍ଚଳରେ ୪୦୦ କିମ୍ବା ଅଧିକ ପରିବାରର ଆଦିବାସୀ ତଥା ପାହାଡ ଅଞ୍ଚଳରେ ୨୦୦ କିମ୍ବା ଅଧିକ ପରିବାରର ପରିବାର । ସାମାଜିକ ପ୍ରଭାବ ଆକଳନ ପର୍ଯ୍ୟାୟରେ ବାଧତାମୂଳକ ଜନ ଶୁଣାଣି, ସର୍ଭେ ଫଳାଫଳ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ପାଇଁ ବ୍ୟାପକ ପ୍ରଚାର, ଗ୍ରାମସଭା ସହିତ ପରାମର୍ଶ, ପୁନର୍ବାସ ଓ ଥଇଥାନ କମିଟିରେ ପ୍ରଭାବିତ ବ୍ୟକ୍ତିଙ୍କ ପ୍ରତିନିଧିତ୍ୱ ଏବଂ ଅଭିଯୋଗର ସମାଧାନ ପ୍ରଣାଳୀରେ ଉପଲବ୍ଧତା ସହିତ ଲୋକଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ହେଉଛି ନୂତନ ନୀତିର ନୂତନ ବୈଶିଷ୍ଟ୍ୟ (୨୦୦୭ ) ।

## ଓଡିଶା ସରକାରଙ୍କ ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬

ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ଅଧିନିୟମ ସଂଶୋଧନ ଉପରେ କେନ୍ଦ୍ର ସରକାରଙ୍କ ନିୟମାବଳୀ ଶେଷ ହେବା ପରେ ଓଡିଶା ସରକାର ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ (RFCTLAR & R) ଅଧିନିୟମ ୨୦୧୩ (୨୦୧୩ ର ଧାରା ୩୦) ଅନୁଯାୟୀ ନିର୍ଦ୍ଦିଷ୍ଟ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧୀନରେ କେତେକ ନିୟମକୁ ସୂଚିତ କରିଛି । ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଉକ୍ତ ଅଧିନିୟମର ଧାରା ୧୦୯ର ଉପ-ବିଭାଗ (୧) ରେ ଦିଆଯାଇଥିବା କ୍ଷମତାର ଗୁଣାବଳୀ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ନମ୍ବର ଆର ଓ ଆରଇଏଚ-୨୪/୨୦-୧୫-୨୯୮୧୪ ତା: ୧୯.୧୦.୨୦୧୫ ଏହି ନିୟମ ଅନୁଯାୟୀ, ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ସଂସ୍ଥା ଦ୍ୱାରା ପ୍ରସ୍ତାବ ଦେବ । ସେହି ଜମି ଅଧିଗ୍ରହଣ ପ୍ରସ୍ତାବକୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଇବ। ଯଦି ପ୍ରସ୍ତାବିତ ଅଧିଗ୍ରହଣରେ ଜଡ଼ିତ ଜମିରେ ଦୋଫସଲୀ ଜଳସେଚିତ ଜମି ଅନ୍ତର୍ଭୁକ୍ତ ହୁଏ, ତେବେ ଜିଲ୍ଲାପାଳ ସେ ପ୍ରସ୍ତାବଟି

କୃଷି ବିଭାଗକୁ ସେମାନଙ୍କ ସୁପାରିଶ / ଆପତ୍ତି ପାଇଁ ପଠାଇବେ ଓ କୃଷି ବିଭାଗକୁ ସେମାନଙ୍କ ସୁପାରିଶ / ଆପତ୍ତି ସହ ତାହାକୁ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଫେରାଇବେ । ଜିଲ୍ଲାପାଳ ଏହି ପ୍ରସ୍ତାବର ଏକ ସଂକ୍ଷିପ୍ତ ଯାଞ୍ଚ କରିବେ ଓ ଏହାର ସଂପୂର୍ଣ୍ଣ ବିବରଣୀ ସହ ସାମାଜିକ ପ୍ରଭାବ ଆକଳନ (SIA) ପରିଚାଳନା କରୁଥିବା ସଂସ୍ଥା/କର୍ତ୍ତୃପକ୍ଷ ଏବଂ ଜମି ଅଧିଗ୍ରହଣ (ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ) ବିଭାଗ ଓ ଜମି ଅଧିଗ୍ରହଣ କରୁଥିବା ସଂସ୍ଥାକୁ ଦାଖଲ କରିବେ | ସଂପୃକ୍ତ ତହସିଲଦାର ଜମି ଅଧିକାରର ରେକର୍ଡକୁ ଅପଡେଟ୍ କରିବା ପାଇଁ ପ୍ରକ୍ରିୟା କରିବେ । ସେଥିପାଇଁ ସଂପୃକ୍ତ ସବ୍-ରେଜିଷ୍ଟ୍ରାରଙ୍କ ଠାରୁ ସମସ୍ତ ମ୍ୟୁଟେସନ ପଟ୍ଟା, ଦଲିଲ, ପ୍ରତ୍ୟକ ପ୍ଲଟ୍ ର ଖତିଆନ ପାଇବାପାଇଁ ପ୍ରୟାସ କରିବା ଆବଶ୍ୟକ | ଜମି ରେକର୍ଡଗୁଡିକର ପୁଙ୍ଖାନୁପୁଙ୍ଖ ତଦନ୍ତ, ସତ୍ୱାଧିକାରୀ, ପୁରୁଣା ତଥ୍ୟର ପୁନରୁଦ୍ଧାର ଏବଂ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଏବଂ ସେମାନଙ୍କର ଯୋଗ୍ୟ ପରିବାରଗୁଡିକର ଅଧିକାରର ସମାଧାନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ କରାଯିବ | ସେହିଭଳି, ଅନୁସୂଚିତ ଜନଜାତି ତଥା ଅନ୍ୟାନ୍ୟ ପାରମ୍ପାରିକ ବନବାସୀ (ST & OTFD) (ଜଙ୍ଗଲ ଅଧିକାରର ସ୍ୱୀକୃତି) ଅଧିନିୟମ, ୨୦୦୬ ଅନୁଯାୟୀ ଜଙ୍ଗଲ ଅଧିକାରର ସ୍ୱୀକୃତି ଏବଂ ନ୍ୟସ୍ତ କରାଯିବ। ସାମାଜିକ ପ୍ରଭାବ ଆକଳନ ପାଇଁ ଏକ ସ୍ୱାଧୀନ ସଂସ୍ଥା ବା ସଂଗଠନ ଗଠନ ରାଜ୍ୟ ସରକାର କରିବେ ବା ଏକ ରାଜ୍ୟସ୍ଥରୀୟ ସଙ୍ଗଠନକୁ ଦାୟିତ୍ୱ ଦେବେ । ଆଇନର ଧାରା ଅନୁଯାୟୀ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ସଂସ୍ଥା ଆବଶ୍ୟକସ୍ଥଳେ ଅନ୍ୟ ବ୍ୟକ୍ତି ବା ସଂସ୍ଥା ଦ୍ୱାରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଇବେ କିନ୍ତୁ ସାମାଜିକ ପ୍ରଭାବ ଅଧ୍ୟୟନକୁ ନିଶ୍ଚିତ କରିବା ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ସାମାଜିକ ପ୍ରଭାବ ଆକଳନ ସଂସ୍ଥା ଦାୟୀ ରହିବ | ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ନିମନ୍ତେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସୁପରିଚାଳନା, ଅଧ୍ୟୟନ ସଂସ୍ଥାର ସଂପ୍ରସାରଣ ପାଇଁ ସରକାରଙ୍କ ଦ୍ୱାରା ନିୟୋଜିତ ସଂସ୍ଥା, ଅନ୍ୟ ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନକୁ ସମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରିବାକୁ ନିଜ ସାଙ୍ଗରେ ନେଇପାରିବେ ଯୋଗ୍ୟ ସହଭାଗୀ ଦଳଙ୍କ ପାଇଁ କାର୍ଯ୍ୟ କରିବାର ଶୈଳୀ, ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳନା, ସହାୟତା ପ୍ରଦାନ, ସାମାଜିକ ପ୍ରଭାବ ଆକଳନ ଏବଂ ପରିଚାଳନା, ସୂଚନା (MIS) ପାଇଁ କାର୍ଯ୍ୟକ୍ରମ, ୱେବ୍-ଆଧାରିତ କାର୍ଯ୍ୟ ପ୍ରବାହକୁ ସୁନିଶ୍ଚିତ କରିବା, ଜିଲ୍ଲା ସ୍ତର ପାଇଁ ରାଜ୍ୟର SIA ଗୁଡ଼ିକର ଗୁଣବତ୍ତାକୁ ନିରନ୍ତର ସମୀକ୍ଷା, ମୂଲ୍ୟାଙ୍କନ ଏବଂ କରିବେ । ଜିଲ୍ଲା ସ୍ତରୀୟ ସମ୍ବଳ ବ୍ୟକ୍ତି/ ଦଳ/ବିଶେଷଜ୍ଞ (ସର୍ବନିମ୍ନ ୨୦ଜଣ ବିଶେଷଜ୍ଞ) ରହିବେ । ସଚିବ / କମିଶନର ପୁନର୍ବାସ ଏବଂ ଥଇଥାନ, ରାଜ୍ୟ ନୋଡାଲ ଅଫିସର ଏବଂ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ଏଡିଏମ୍) ଜିଲ୍ଲା ନୋଡାଲ ଅଫିସର ଭାବରେ କାର୍ଯ୍ୟ କରିବେ, ପ୍ରତ୍ୟେକ SIA ଅଧ୍ୟୟନ ପ୍ରକଳ୍ପର ଠିକ୍ ସମୟରେ ସମାପ୍ତ ହେବା ନିଶ୍ଚିତ କରିବେ, ପ୍ରସ୍ତାବ ପ୍ରକ୍ରିୟାକରଣ ପାଇଁ ଅଧିନିୟମରେ ବିସ୍ତୃତ ପ୍ରକ୍ରିୟା ଦିଆଯାଇଛି ଯାହା ପରେ ଆଇନର ଧାରା ୮ ଅନୁଯାୟୀ, ଆବଶ୍ୟକତା ଅନୁଯାୟୀ SIA ବିଜ୍ଞପ୍ତି ଜାରି କରାଯିବ ।

ସାମାଜିକ ପ୍ରଭାବ ଆକଳନ (SIA) ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଉଛି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବା ସୋସିଆଲ୍ ଇମ୍ପାକ୍ଟ ଆସେସମେଣ୍ଟ ଷ୍ଟଡି (SIAS) ଯାହାକି ସ୍ଥାନୀୟ ବାସିନ୍ଦା, ସ୍ଥାନୀୟ ଅଧିକାରୀ ଓ ଜନ ପରାମର୍ଶରେ ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ପରିବାରର ମତାମତ ଜାଣିବା ପାଇଁ ନିଆଯିବ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ରେ ପୁନର୍ବାସ ଓ ଥଇଥାନର ହକଦାର ସାରଣୀ (Entitle Matrix) ଅନ୍ତର୍ଭୁକ୍ତ ହେବ । ସାମାଜିକ ପ୍ରଭାବ ପରିଚାଳନା ଯୋଜନା ଓ ସେଥିପାଇଁ ଉପଯୁକ୍ତ ଓ ସୁବିଧାଜନକ ପଦକ୍ଷେପ ସହିତ, ପ୍ରତ୍ୟେକ ପ୍ରଭାବିତ ତଥା ବିସ୍ଥାପିତ ପରିବାରର ପୁନର୍ବାସନ ଓ ଥଇଥାନ ହକଦାର ସାରଣୀ (Entitle Matrix) ପ୍ରଦାନ କରାଯିବ ଏବଂ ବିସ୍ଥାପିତ ପରିବାରଗୁଡିକର ପୁନର୍ବାସନ ଓ ଥଇଥାନ ପାଇଁ ଚିହ୍ନଟ ହୋଇଥିବା ଅଞ୍ଚଳର ସବିଶେଷ ବିବରଣୀ ଦିଆଯିବ ।

## ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନର ମୁଖ୍ୟ ବୈଶିଷ୍ଟ୍ୟ

ଏହି ଅଧିନିୟମ ଜମି ଅଧିଗ୍ରହଣ ସହିତ ପୁନର୍ବାସ ଓ ଥଇଥାନ ପାଇଁ ବ୍ୟବସ୍ଥା ନିର୍ଦ୍ଦିଷ୍ଟ କରେ । ସାମ୍ପ୍ରତିକ ବ୍ୟବସ୍ଥାଗୁଡ଼ିକରୁ କେତେକ ପ୍ରମୁଖ ପରିବର୍ତ୍ତନ (କ) ଜମି ଅଧିଗ୍ରହଣ ପ୍ରକ୍ରିୟା ସହିତ ଜଡିତ; (ଖ) ଅଧିଗ୍ରହଣ ଦ୍ୱାରା ବିସ୍ଥାପିତ ହୋଇଥିବା

ଲୋକମାନଙ୍କର ଅଧିକାର; (ଗ) କ୍ଷତିପୂରଣ ହିସାବ କରିବାର ପଦ୍ଧତି; ଏବଂ (ଘ) ସମସ୍ତ ଅଧିଗ୍ରହଣ ପାଇଁ ପୁନର୍ବାସ ଓ ଥଇଥାନର ଆବଶ୍ୟକତା ।

**ଜନସାଧାରଣ ଉଦ୍ଦେଶ୍ୟ:**

- କେବଳ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ହୋଇପାରେ । ଏହି ନିୟମ ଅନୁସାରେ ଜନସାଧାରଣଙ୍କ ଉଦ୍ଦେଶ୍ୟ ଗୁଡିକ ହେଲା : ପ୍ରତିରକ୍ଷା ଏବଂ ଜାତୀୟ ସୁରକ୍ଷା, ସଡକ, ରେଳପଥ, ରାଜପଥ, ଏବଂ ସରକାରୀ ଏବଂ ସରକାରୀ କ୍ଷେତ୍ର ଉଦ୍ୟୋଗ ଦ୍ୱାରା ନିର୍ମିତ ବନ୍ଦରଗୁଡିକ; ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ପାଇଁ ଜମି, ଯୋଜନାବଦ୍ଧ ବିକାଶ, ଏବଂ ଗାଁ କିମ୍ବା ସହରାଞ୍ଚଳର ଉନ୍ନତି ଏବଂ ଗରିବ ଏବଂ ଭୂମିହୀନ, ସରକାରୀ ପରିଚାଳନା ଯୋଜନା କିମ୍ବା ଅନୁଷ୍ଠାନ ଇତ୍ୟାଦି ପାଇଁ ଆବାସିକ ଉଦ୍ଦେଶ୍ୟର ଉନ୍ନତି । ଏହା ଜମି ଅଧିଗ୍ରହଣ ଅଧିନିୟମ ୧୮୯୪ ବ୍ୟବସ୍ଥା ସହିତ ସମାନ ।
- କେତେକ କ୍ଷେତ୍ରରେ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ୭୦/୮୦ ପ୍ରତିଶତ ସମ୍ମତି ପାଇବା ଆବଶ୍ୟକ । ଏଥିମଧ୍ୟରେ (କ) ଉପରୋକ୍ତ ଉଦ୍ଦେଶ୍ୟ ବ୍ୟତୀତ ସରକାରଙ୍କ ଦ୍ୱାରା ବ୍ୟବହାର ପାଇଁ ଜମି ଅଧିଗ୍ରହଣ ଏବଂ (ଖ) ସରକାରୀ-ବେସରକାରୀ ଭାଗିଦାରୀ ପ୍ରକଳ୍ପ ଦ୍ୱାରା ବ୍ୟବହାର ଏବଂ (ଗ) ଘରୋଇ କମ୍ପାନୀ ଦ୍ୱାରା ବ୍ୟବହାର ଅନ୍ତର୍ଭୁକ୍ତ ।

**ଜମି ଅଧିଗ୍ରହଣ ପ୍ରକ୍ରିୟା:**

- ଗ୍ରାମାଞ୍ଚଳରେ ଗ୍ରାମସଭା (ଏବଂ ସହରାଞ୍ଚଳରେ ସମାନ ସଂସ୍ଥା ସହିତ) ପରାମର୍ଶ କ୍ରମେ ସରକାର ଏକ ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନ କରିବେ । ଏହା ପରେ, ଏକ ବିଶେଷଜ୍ଞ ଦଳ ଦ୍ୱାରା SIA ରିପୋର୍ଟର ମୂଲ୍ୟାଙ୍କନ କରାଯିବ । ଏହି ବିଶେଷଜ୍ଞ ଦଳରେ ସ୍ଥାନୀୟ ସଂସ୍ଥାର ଦୁଇଜଣ ନିର୍ବାଚିତ ପ୍ରତିନିଧୀ, ଦୁଇଜଣ ଅଣ-ସରକାରୀ ସାମାଜିକ ବୈଜ୍ଞାନିକ, ପୁନର୍ବାସ ଓ ଥଇଥାନ ବିଷୟରେ ଦୁଇଜଣ ଅଭିଜ୍ଞ ବିଶେଷଜ୍ଞ ଏବଂ ଏହି ପ୍ରକଳ୍ପ ସମ୍ବନ୍ଧୀୟ ବୈଷୟିକ ଜ୍ଞାନ ଥିବା ବିଶେଷଜ୍ଞ ରହିବେ। ବିଶେଷଜ୍ଞ ଗୋଷ୍ଠୀ କମିଟି ଦ୍ୱାରା ଜମି ଅଧିଗ୍ରହଣ ପ୍ରସ୍ତାବ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ ହୋଇଛି କି ନାହିଁ ତାହା ନିଶ୍ଚିତ କରିବାକୁ ଝଓଇ ରିପୋର୍ଟକୁ ଅଧିକ ଯାଞ୍ଚ କରାଯିବ ।

- ଜମି ଅଧିଗ୍ରହଣର ଉଦ୍ଦେଶ୍ୟ ଦର୍ଶାଇ ଏକ ପ୍ରାଥମିକ ବିଜ୍ଞପ୍ତି SIA ରିପୋର୍ଟର ମୂଲ୍ୟାଙ୍କନ ତାରିଖ ଠାରୁ ୧୨ ମାସ ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ । ପରବର୍ତ୍ତୀ ସମୟରେ, ଜମି ଅଧିଗ୍ରହଣ ପାଇଁ ସରକାର ଏକ ସର୍ଭେ କରିବେ । ଏହି ପ୍ରକ୍ରିୟାରେ ସମସ୍ତ ଆପତ୍ତି ଜିଲ୍ଲାପାଳଙ୍କ ଦ୍ୱାରା ଶୁଣାଯିବ । ଏହାପରେ, ଯଦି ସରକାର ସନ୍ତୁଷ୍ଟ ହୁଅନ୍ତି ସର୍ବସାଧାରଣ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ ହେବା ଆବଶ୍ୟକ, ଜମି ଅଧିଗ୍ରହଣ ପାଇଁ ଏକ ଘୋଷଣା କରାଯାଏ । ଏହି ଘୋଷଣା ପ୍ରକାଶ ପାଇବା ପରେ ସରକାର ଏହି ଜମି ଅଧିଗ୍ରହଣ କରିବେ। ପ୍ରାଥମିକ ବିଜ୍ଞପ୍ତି ତାରିଖ ଠାରୁ ଅଧିଗ୍ରହଣ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଜମି ପାଇଁ କୌଣସି କାରବାର ଅନୁମତି ଦିଆଯିବ ନାହିଁ ।

**ଜମି ମାଲିକମାନଙ୍କୁ କ୍ଷତିପୂରଣ:**

ଜମି ଅଧିଗ୍ରହଣ ପାଇଁ କ୍ଷତିପୂରଣ ଜିଲ୍ଲାପାଳଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଏ ଏବଂ ଅଧିଗ୍ରହଣ ଘୋଷଣାର ପ୍ରକାଶନ ଦିନଠାରୁ ଦୁଇ ବର୍ଷ ମଧ୍ୟରେ ସେ ଜମି ମାଲିକମାନଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିବେ । କ୍ଷତିପୂରଣ ନିର୍ଣ୍ଣୟ ପ୍ରକ୍ରିୟା ନିମ୍ନରେ ଦିଆଯାଇଛି ।

- ପ୍ରଥମେ, ଅଧିଗ୍ରହଣ ହେବାକୁଥିବା ଜମିର ବଜାର ମୂଲ୍ୟ ଠାରୁ ଯାହାଅଧିକ ତାକୁ ହିସାବକୁ ନିଆଯାଏ (କ) ବିକ୍ରୟ କାର୍ଯ୍ୟର ପଞ୍ଜୀକରଣ ପାଇଁ ଭାରତୀୟ ଷ୍ଟାମ୍ପ ଅଧିନିୟମ, ୧୮୯୯ ରେ ନିର୍ଦ୍ଦିଷ୍ଟ ହୋଇଥିବା ଜମି ମୂଲ୍ୟ କିମ୍ବା (ଖ)

ଆଖପାଖରେ ଅବସ୍ଥିତ ସମାନ ପ୍ରକାରର ଜମି ପାଇଁ ପୂର୍ବ ତିନିବର୍ଷ ମଧ୍ୟରେ ସମସ୍ତ ବିକ୍ରୟ କାର୍ଯ୍ୟର ହାରାହାରି ୫୦ ପ୍ରତିଶତ ।

- ପ୍ରଥମେ ଜମିର ବଜାର ମୂଲ୍ୟ ଗଣନା କରାଯାଏ । ତା ସାଙ୍ଗରେ ସମ୍ପୃକ୍ତ ଜମିରେ ଥିବା ସମସ୍ତ କ୍ଷତିଗ୍ରସ୍ତ ସମ୍ପତ୍ତିର ମୂଲ୍ୟ (ଗଛ, କୋଠା, ଇତ୍ୟାଦି) ଯୋଡା ଯାଇ, ଏହି ରାଶି ଉପରେ, ଶତପ୍ରତିଶତ ସୋଲାଟିୟମ୍, (ଯଥା, ଅଧିଗ୍ରହଣର ଜବରଦସ୍ତ ପ୍ରକୃତି ପାଇଁ ଅତିରିକ୍ତ କ୍ଷତିପୂରଣ), ଚୂଡ଼ାନ୍ତ କ୍ଷତିପୂରଣ ପାଇଁ ଦିଆଯିବ | ଜମି ମାଲିକ, ଯାହାର ସମ୍ପତ୍ତି ଜରୁରୀକାଳୀନ ବ୍ୟବସ୍ଥା ବ୍ୟବହାର କରି ଅଧିଗ୍ରହଣ ହୋଇଛି, ସେହି ଜମିର ବଜାର ମୂଲ୍ୟର ଅତିରିକ୍ତ ୭୫ ପ୍ରତିଶତ ଦିଆଯିବ |

## ପୁନର୍ବାସ ଏବଂ ଥଇଥାନ ପ୍ରକ୍ରିୟା

- ପ୍ରତ୍ୟେକ ଅଧିଗ୍ରହଣ କ୍ଷେତ୍ରରେ ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ ପୁନର୍ବାସ ଓ ଥଇଥାନ ପାଇଁ ଆବଶ୍ୟକ ପଡେ । ଅଧିଗ୍ରହଣ ପାଇଁ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ, ଜଣେ ପ୍ରଶାସକ ନିଯୁକ୍ତ ହେବେ । ପ୍ରଶାସକ ଏକ ସର୍ବେକ୍ଷଣ କରିବେ ଏବଂ ପୁନର୍ବାସ ଓ ଥଇଥାନ ପାଇଁ ଯୋଜନା ପ୍ରସ୍ତୁତ କରିବେ । ସହରାଞ୍ଚଳ / ଗ୍ରାମାଞ୍ଚଳ କ୍ଷେତ୍ରରେ ଏହି ଯୋଜନା ସ୍ଥାନୀୟ ସଂସ୍ଥାଗୁଡ଼ିକରେ ଆଲୋଚନା କରାଯିବ । ପୁନର୍ବାସ ଓ ଥଇଥାନ ପାଇଁ ଯୋଜନାରେ କୌଣସି ଆପତ୍ତି ପ୍ରଶାସକଙ୍କ ଦ୍ୱାରା ଶୁଣାଯିବ । ପରବର୍ତ୍ତୀ ସମୟରେ, ପ୍ରଶାସକ ଏକ ରିପୋର୍ଟ ପ୍ରସ୍ତୁତ କରିବେ ଏବଂ ଏହାକୁ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବେ । ଜିଲ୍ଲାପାଳ ଏହି ଯୋଜନାକୁ ସମୀକ୍ଷା କରିବେ ଏବଂ ଏହାକୁ ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ କମିଶନରଙ୍କ ନିକଟରେ ଦାଖଲ କରିବେ । ଥରେ କମିଶନର ଆର ଆଣ୍ଡ ଆର ଯୋଜନାକୁ ଅନୁମୋଦନ କଲେ, ସରକାର ପୁନର୍ବାସ ଓ ଥଇଥାନ ପାଇଁ ଉଦ୍ଦେଶ୍ୟରେ ଆବଶ୍ୟକ କ୍ଷେତ୍ରଗୁଡିକ ଚିହ୍ନଟ କରି ଏକ ଘୋଷଣାନାମା ପ୍ରଦାନ କରିବେ । ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଶାସକ ଦାୟୀ ରହିବେ । ଏହି ଯୋଜନାର କାର୍ଯ୍ୟକାରିତା ଉପରେ କମିଶନର ତଦାରଖ କରିବେ।

## ପୁନର୍ବାସ ଏବଂ ଥଇଥାନ ଅଧିକାର

- ଏହି ନିୟମ ବିସ୍ଥାପିତ ପରିବାରମାନଙ୍କୁ ପୁନର୍ବାସ ଓ ଥଇଥାନ ପାଇଁ ଅଧିକାର ପ୍ରଦାନ କରିଥାଏ । ଏଥିମଧ୍ୟରେ ଅନ୍ୟାନ୍ୟ ବିଷୟ ସହ (କ) ଗ୍ରାମାଞ୍ଚଳର ଇନ୍ଦିରା ଆୱାସ ଯୋଜନା ଅନୁଯାୟୀ ଏକ ଘର ପାଇଁ ଜମି କିମ୍ବା ସହରାଞ୍ଚଳରେ ଅତି କମରେ ୫୦ ବର୍ଗ ମିଟର ସ୍ଥାନରେ ଏକ ନିର୍ମିତ ଘର ଅନ୍ତର୍ଭୁକ୍ତ; (ଖ) ପ୍ରଭାବିତ ପରିବାର ପାଇଁ ୫୦,୦୦୦୦ ଟଙ୍କା ଏକ ଥର ଭତ୍ତା; ଏବଂ (ଗ) ଯେଉଁଠାରେ ଚାକିରି ସୃଷ୍ଟି ହେଉଛି ସେଠାରେ ଚାକିରି କିମ୍ବା ୫ଲକ୍ଷ ଟଙ୍କା ପାଇଁ ଏକକାଳୀନ ଦେୟ କିମ୍ବା ପରିବାରକୁ ପ୍ରତି ମାସରେ ୨,୦୦୦ ଟଙ୍କା ୨୦ ବର୍ଷ ପାଇଁ, (ଘ) ଗୋଟିଏ ବର୍ଷ ପାଇଁ ୩,୦୦୦ ଟଙ୍କାର ସହାୟକ ଅନୁଦାନ, (ଙ) ସ୍ଥାନାନ୍ତର ପାଇଁ ୫୦,୦୦୦୦ ଟଙ୍କାର ପରିବହନ ମୂଲ୍ୟ, (ଚ) କ୍ଷୁଦ୍ର ଦୋକାନ ଓ ଗୁହାଳ ପାଇଁ ଏକକାଳୀନ ୨୫,୦୦୦ ଟଙ୍କା ସହାୟତା, (ଛ) କାରିଗର, ଛୋଟ ବ୍ୟବସାୟୀ ଏବଂ ଅନ୍ୟମାନଙ୍କୁ ଟ୨୫,୦୦୦ର ଏକକାଳୀନ ଅନୁଦାନ, (viii) ଏକକାଳୀନ ପୁନର୍ବାସ ଓ ଥଇଥାନ ପାଇଁ ପ୍ରତ୍ୟକ କ୍ଷତିଗ୍ରସ୍ତ ପରିବାର କୁ ଏକକାଳୀନ ୫୦,୦୦୦୦ଟଙ୍କା, ପ୍ରତ୍ୟେକ ପୁନଃସ୍ଥାପିତ କ୍ଷେତ୍ରକୁ କିଛି ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ, ଏହି ସୁବିଧାଗୁଡ଼ିକରେ ରାସ୍ତା, ଜଳ ନିଷ୍କାସନ ପଥ, ପାନୀୟ ଜଳର ବ୍ୟବସ୍ଥା, ଗୋଚର ଜମି, ବ୍ୟାଙ୍କ, ଡାକଘର, ସାଧାରଣ ବଣ୍ଟନ ସ୍ଥାନ ଇତ୍ୟାଦି ଅନ୍ତର୍ଭୁକ୍ତ |
- ରେଳପଥ, ରାଜପଥ, ବନ୍ଦର, ବିଦ୍ୟୁତ୍ ପ୍ରକଳ୍ପ ଏବଂ ଜଳସେଚନ ଉଦ୍ଦେଶ୍ୟରେ ସରକାରୀ କିମ୍ବା ସରକାରୀ ନିୟନ୍ତ୍ରିତ ନିଗମ ଦ୍ୱାରା ଜମି ଅଧିଗ୍ରହଣ ।

**ସମୂହ କରିଡର ପ୍ରକଳ୍ପ ପାଇଁ ଜମି ଆବଶ୍ୟକତା**

ଏହି ଉଦ୍ଦେଶ୍ୟରେ, ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକରୁ ପ୍ରକଳ୍ପ ପାଇଁ ମୋଟ ଜମି ଆବଶ୍ୟକତାର ପରିମାଣ ନିମ୍ନରେ ଉଲ୍ଲେଖ କରାଯାଇଛି:

**ସାରଣୀ ୧.୧ ଟାଟା ଷ୍ଟିଲ *SEZ* ଅଞ୍ଚଳରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲାର ଛତ୍ରପୁର  ତହସିଲ ଅଧୀନରେ ଥିବା ଗ୍ରାମଗୁଡିକର ତାଲିକା**

| ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲର ନାମ | ସମୁଦାୟ କ୍ଷତିଗ୍ରସ୍ତ ପରିବାର | କ୍ଷତିଗ୍ରସ୍ତ ହେଉଥିବା ସମୁଦାୟ ସରକାରୀ ଜମି | ଅଧିଗ୍ରହଣ ହେଉଥିବା ହେବାକୁଥିବା ବେସରକାରୀ ଜମି | ଅଧିଗ୍ରହଣ ହେଉଥିବା ହେବାକୁଥିବା ସମୁଦାୟ ଜମି |
|---|---|---|---|---|---|---|
| ବାସନ ପୁଟି | ଛତ୍ରପୁର | ଛତ୍ରପୁର | ୧୮ | ୧୩.୧୬ | ୨୧.୬୫୨ | ୩୪.୮୧୨ |
| ବଡପୁଟି | କାଳୀପୁଟି | ଛତ୍ରପୁର | ୬ | ୦.୬୨ | ୪.୨୭୦ | ୪.୮୯ |
| ସମୁଦାୟ କ୍ଷତିଗ୍ରସ୍ତ ପରିବାର | | | ୨୪ | ୧୩.୭୮ | ୨୫.୯୨୨ | ୩୯.୭୦୨ |

ଉକ୍ତ ଆଗାମୀ ପ୍ରକଳ୍ପ ପାଇଁ ସମୁଦାୟ ୩୯.୭୦୨ଏକର ଜମି ଅଧିଗ୍ରହଣ ହେବ ।  ସେଥିମଧ୍ଯରୁ ୧୩.୭୮ଏକର ସରକାରୀ ଜମି ଏବଂ ୨୫.୯୨୨ଏକର ଘରୋଇ ଜମି ଏହି ଉଦ୍ଦେଶ୍ୟରେ ଅଧିଗ୍ରହଣ ହେବ ।

## ୧.୪  ଅଧ୍ୟୟନର ଯୁକ୍ତିଯୁକ୍ତ ତଥ୍ୟ

- ସର୍ବଦା ଜନସାଧାରଣଙ୍କ ନିକଟରେ ଅଭିଯୋଗ ହେଉଛି ଯେ ବିକାଶମୂଳକ ପ୍ରକଳ୍ପଗୁଡ଼ିକ କେବଳ ଉତ୍ପାଦନକାରୀ ପ୍ରସଙ୍ଗ ଉପରେ ଧ୍ୟାନ ଦିଅନ୍ତି ଏବଂ ସାମାଜିକ ନ୍ୟାୟ / ପ୍ରଭାବ ପ୍ରସଙ୍ଗକୁ ଅବହେଳା କରନ୍ତି ।  ବିସ୍ଥାପନ ଏବଂ ଥଇଥାନ ପାଇଁ ଉପଯୁକ୍ତ କୌଣସି  ନୀତି ଗ୍ରହଣକରି କ୍ଷତିପୂରଣ ପ୍ରଦାନରେ ସୀମିତ ରହିବା ପରିବର୍ତ୍ତେ "ସାମାଜିକ ମୂଲ୍ୟ" ଏବଂ "ମାନବ ଖର୍ଚ୍ଚ" କୁ ବିଚାରକୁ ନେବା ଉଚିତ୍ | ନ୍ୟାୟ ଏବଂ ସମାନତାର ନୀତିଗୁଡିକ ସମାନ ଭାବରେ ଅଧିକ ପ୍ରଯୁଜ୍ୟ ହେବା ଉଚିତ ଓ ସମ୍ବିଧାନ ଦ୍ୱାରା ସ୍ଥାପିତ ନିର୍ଦ୍ଦିଷ୍ଟ ଅନୁସୂଚିତ ଜାତି ଓ ଜନଜାତିଙ୍କ କ୍ଷେତ୍ରରେଥିବା ଆଇନ ଅନୁସାରେ ହେବା ଆବଶ୍ୟକ ।  ଏହି ପଏଣ୍ଟଗୁଡିକୁ ଧ୍ୟାନରେ ରଖି, ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ କୌଣସି  ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପୂର୍ବରୁ ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନ କରିବାକୁ ନିର୍ଦ୍ଦେଶ ଦେଇଥାଏ ।  ଉକ୍ତ ଆଇନର ଆବଶ୍ୟକତା ପୂରଣ କରିବା ପାଇଁ ଟାଟା ଷ୍ଟିଲ୍ SEZ ଅଞ୍ଚଳରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ବର୍ତ୍ତମାନର  ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଛି ।

## ୧.୫  ଅଧ୍ୟୟନର ପରିସର

- ଭାରତର ଜମି ଅଧିଗ୍ରହଣ ଆଇନ, ୨୦୧୩ ର ଧାରା ୪(୧) ଅନୁଯାୟୀ ଆବଶ୍ୟକ ସଂସ୍ଥା ବ୍ୟତୀତ ଏହିପରି ବ୍ୟକ୍ତି କିମ୍ବା ସଂସ୍ଥା ଦ୍ୱାରା  ସାମାଜିକ ପ୍ରଭାବ ଆକଳନ (SIA) ଅଧ୍ୟୟନ ନିଶ୍ଚିତ କରିବା ପାଇଁ ଦାୟୀ ହେବା ପାଇଁ ରାଜ୍ୟ ସରକାର ଏକ ସ୍ୱାଧୀନ ସଂଗଠନ ପ୍ରତିଷ୍ଠା କରିବେ। । ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନ ପାଇଁ ସାମାଜିକ ପ୍ରଭାବ ଆକଳନ (SIA) ପରିଚାଳନା ପାଇଁ ନେଟୱାର୍କ, ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ଯୋଗ୍ୟ ସହଭାଗୀ ଏବଂ ଅଭ୍ୟାସକାରୀଙ୍କ ଦ୍ୱାରା ରାଜ୍ୟ ତଥ୍ୟ ଆଧାରରେ ନିର୍ମାଣ ଏବଂ ବିସ୍ତାର କାର୍ଯ୍ୟ କରିବା ପାଇଁ ସାମାଜିକ ପ୍ରଭାବ ଆକଳନ (SIA) ସଂସ୍ଥାର କାର୍ଯ୍ୟ ଏବଂ ଦାୟିତ୍ୱ  ଅନ୍ତର୍ଭୁକ୍ତ କରିବ ।  ଉକ୍ତ ପ୍ରକଳ୍ପ ପାଇଁ

ଗ୍ରୀନ୍ ଇଣ୍ଡିଆକୁ ସାମାଜିକ ପ୍ରଭାବ ଆକଳନ (SIA)ଅଧ୍ୟୟନ କରିବାକୁ ଦାୟିତ୍ୱ ଦିଆଯାଇଛି । ଏହି ଅଧ୍ୟୟନର ପରିସର ଓଡିଶା ସରକାରଙ୍କ ଦ୍ୱାରା ସ୍ଥାପିତ ସାମାଜିକ ପ୍ରଭାବ ଆକଳନ (SIA) ସଂସ୍ଥାର ସର୍ତ୍ତାବଳୀ ଏବଂ ଜମି ଅଧିଗ୍ରହଣ ଅଧିନିୟମ, ୨୦୧୩ ରେ ଅନ୍ତର୍ଭୁକ୍ତ:

- ପ୍ରସ୍ତାବିତ ପ୍ରକଳ୍ପର ବର୍ଣ୍ଣନା ଏବଂ ପ୍ରଭାବିତ ପରିବାରର ଆକଳନ ସହ ସେମାନଙ୍କର କ୍ଷତି ଓ ପ୍ରାପ୍ୟର ଆକଳନ;
- ପ୍ରଭାବିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ଅବସ୍ଥାର ଅଧ୍ୟୟନ;
- ସର୍ବସାଧାରଣ ସଭା, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ, ସାକ୍ଷାତକାର ମାଧ୍ୟମରେ ଜନ ପରାମର୍ଶ;
- ଜଳସେଚନ କେନାଲ ପ୍ରକଳ୍ପ ପାଇଁ ଜନସାଧାରଣଙ୍କ ଯେକୌଣସି ପ୍ରତିକୂଳ ସାମାଜିକ ପ୍ରଭାବର ଆଶା;
- ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP)

ସାମାଜିକ ପ୍ରଭାବ ଆକଳନ (SIA) ର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମି / ସମ୍ପତ୍ତି / ଜମି ଧାରଣ, ପ୍ରଭାବିତ ପରିବାର ଏବଂ ବ୍ୟକ୍ତିବିଶେଷଙ୍କ ସଂପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବା, ସାମାଜିକ ପ୍ରଭାବ ଆକଳନ କରିବା ଏବଂ ପୁନଃ ଥାଇଥାନର କାର୍ଯ୍ୟ ଯୋଜନା (RAP) ପ୍ରସ୍ତୁତ କରିବା । ଏହା ପ୍ରଭାବିତ ପରିବାର ଏବଂ ଗ୍ରାମବାସୀଙ୍କ ସହିତ ଏକ ପ୍ରଶ୍ନପତ୍ର କାର୍ଯ୍ୟକ୍ରମରେ ଅଂଶୀଦାର ଆବଶ୍ୟକ କରେ । ନିମ୍ନଲିଖିତ ଉଦ୍ଦେଶ୍ୟରେ, ସମସ୍ତ ପ୍ରଭାବିତ ପରିବାର ଏବଂ ପ୍ରଭାବିତ ଗ୍ରାମଗୁଡ଼ିକର ଅଣ-ପ୍ରଭାବିତ ପରିବାରର ନମୁନାକୁ ଆଚ୍ଛାଦନ କରିବାକୁ ଏକ ପ୍ରୟାସ କରାଯାଇଛି:

## ୧.୬ ଉଦ୍ଦେଶ୍ୟ:

ଏହି ସାମାଜିକ ପ୍ରଭାବ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଉଛି:

- ପ୍ରଭାବିତ ପରିବାରର ସଂଖ୍ୟା, ପରିବାରର ପ୍ରକୃତ ଜମିଧରୀଙ୍କ ଉପରେ ଆଧାର କରି ଜମି ଓ ସମ୍ପତ୍ତି ନଷ୍ଟ ହେବାର ପରିମାଣ ଏବଂ ଜମି ଅଧିଗ୍ରହଣ ହେତୁ ବାସସ୍ଥାନ କିମ୍ବା ବୃତ୍ତିଗତ ଭାବରେ ବିସ୍ଥାପିତ ହେବାର ସମ୍ଭାବନାକୁ ଆକଳନ କରାଯିବ ।
- ସାର୍ବଜନୀନ ସରକାରୀ ଏବଂ ବେସରକାରୀ ଜମି, ଘର, ବସତି ଏବଂ ଅନ୍ୟାନ୍ୟ ସାଧାରଣ ଜମିର ଆକଳନ କରାଯିବ ।
- ଅଧିଗ୍ରହଣ ହେବାକୁ ଥିବା ଜମି ନିର୍ଦ୍ଧାରିତ ଅଞ୍ଚଳରେ ଅଛି କି ନାହିଁ ତାହା ଯାଞ୍ଚ କରାଯିବ ।
- କୌଣସି ଜମି କ୍ରୟ, ହସ୍ତାନ୍ତର, ଲିଜ୍ କିମ୍ବା ଅଧିଗ୍ରହଣ ହୋଇସାରିଛି କି ନାହିଁ ଯାଞ୍ଚ କରାଯିବ ଏବଂ ପ୍ରକଳ୍ପ ପାଇଁ ଆବଶ୍ୟକ ପ୍ରତ୍ୟେକ ଜମିର ବ୍ୟବହାରକୁ ଯାଞ୍ଚ କରାଯିବ ।
- କୌଣସି ସାର୍ବଜନୀନ, ଅବ୍ୟବହୃତ ଜମିର ବ୍ୟବହାର ପାଇଁ ପରିସର ଖୋଜିବା ଏବଂ ଏହିପରି କୌଣସି ଜମି ଦଖଲରେ ଅଛି କି ନାହିଁ ଯାଞ୍ଚ କରାଯିବ ।
- ମାଲିକନାସତ୍ୱ ର ପରିମାଣ, ମାଲିକାନା ଢାଞ୍ଚା, ଜମି ବଣ୍ଟନ, ଆବାସିକ ଘର ସଂଖ୍ୟା, ଏବଂ ସରକାରୀ ଏବଂ ବେସରକାରୀ ଭିତ୍ତିଭୂମି ଏବଂ ସମ୍ପତ୍ତି ଉପରେ ଧ୍ୟାନ ଦିଆଯିବ ।
- ଜମି ମୂଲ୍ୟ ଏବଂ ମାଲିକାନାସତ୍ୱରେ ପରିବର୍ତ୍ତନ, ସ୍ଥାନାନ୍ତରଣ ଏବଂ ତିନି ବର୍ଷ ମଧ୍ୟରେ ଜମିର ବ୍ୟବହାର ଓ ସମ୍ପତି ପରିବର୍ତ୍ତନଗୁଡିକର ଆକଳନ କରାଯିବ ।
- ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ପ୍ରକଳ୍ପ ଅଧୀନରେ ପ୍ରଭାବିତ ଗାଁର ଗ୍ରାମବାସୀଙ୍କ ଉପରେ ପ୍ରଭାବ ଏବଂ ପ୍ରକଳ୍ପର ଖାଦ୍ୟ ସୁରକ୍ଷା ସମେତ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ପରିବେଶ ଏବଂ ଅନ୍ୟାନ୍ୟ ପ୍ରଭାବକୁ ଆକଳନ କରାଯିବ ।

- ସାଧାରଣ ସମ୍ପତ୍ତି ସମ୍ବଳ (CPRs), ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି ଇତ୍ୟାଦି ନଷ୍ଟ ହେତୁ ଉଭୟ ପ୍ରତ୍ୟକ୍ଷ ଜମି ହରାଉଥିବା ପରିବାର ତଥା ପରୋକ୍ଷ ଭାବରେ ପ୍ରଭାବିତ ପରିବାରକୁ ଆଚ୍ଛାଦନ କରି ପ୍ରକଳ୍ପର ସାମାଜିକ ପ୍ରଭାବ ଅଧ୍ୟୟନ କରିବା ସହ ସାମାଜିକ ଖର୍ଚ୍ଚର ଓ ପ୍ରକଳ୍ପର ସାମଗ୍ରିକ ଖର୍ଚ୍ଚ ଓ ଲାଭକୁ ଦୃଷ୍ଟିରେ ରଖି ପ୍ରକଳ୍ପର ଉପରେ ଏହାର ପ୍ରଭାବପଡିଆବ ତାହା ଅଧ୍ୟୟନ କରାଯିବ ।
- ଉପଯୁକ୍ତ ନୀତି, ନିୟମ ଏବଂ ଅନ୍ୟାନ୍ୟ ସାଂପ୍ରତିକ ଦିଗକୁ ଭିତ୍ତିକରି ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବ ଓ ପ୍ରଭାବ ଗୁଡିକର ଉପଶମ ପାଇଁ ପଦକ୍ଷେପଗୁଡିକ ସୁପାରିଶ କରାଯିବ ।

## ୧.୭ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପଦ୍ଧତି ଏବଂ ପ୍ରକ୍ରିୟା

- ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍) ଯିଏ ରାଜ୍ୟ ଏସଆଇଏ ନୋଡାଲ ଏଜେନ୍ସିଙ୍କୁ, "ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ଟାଟା ଷ୍ଟିଲ SEZ ଅଞ୍ଚଳରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ଅର୍ଥନୈତିକ କରିଡର ନିର୍ମାଣ" ପାଇଁ ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ଦାୟିତ୍ୱ ଦିଆଯାଇଛି । ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କଠାରୁ ଏହି ପ୍ରସ୍ତାବ ଓ ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଗ୍ରହଣ କରିବା ପରେ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ କରଯାଇଥିଲା । ଗଞ୍ଜାମ ଜିଲ୍ଲାର ପ୍ରଭାବିତ ଗ୍ରାମଗୁଡିକର ସମସ୍ତ ପ୍ରଭାବିତ ଜମିର ତଥ୍ୟ ଗ୍ରହଣ କରିବା ପରେ, ଗ୍ରୀନ୍ ଇଣ୍ଡିଆ କ୍ଷେତ୍ର ଅନୁସନ୍ଧାନକାରୀଦଳ ତଥା ସୁପରଭାଇଜରଙ୍କ ଚିହ୍ନଟ ଏବଂ ତଥ୍ୟ ସଂଗ୍ରହ ଦଳ ଚିହ୍ନଟ କରି ଆକଳନ ଅଧ୍ୟୟନ କୌଶଳ ସମ୍ବନ୍ଧରେ ତାଲିମ ସହିତ ଅଧ୍ୟୟନ ପ୍ରକ୍ରିୟା ଆରମ୍ଭ କରିଥଲେ । ଅନୁସନ୍ଧାନକାରୀମାନଙ୍କୁ ଜମି ଖାତା ସଂଖ୍ୟା ଏବଂ ଜମିର ମାଲିକ ଅନୁଯାୟୀ ଘର ଚିହ୍ନଟ କରିବାକୁ ନିଯୁକ୍ତ କରାଯାଇଥିଲା । ପର୍ଯ୍ୟବେକ୍ଷକ ତଥ୍ୟ ସଂଗ୍ରହର ଏବଂ ତଦାରଖର ଦାୟିତ୍ୱ ଗ୍ରହଣ କଲେ ଏବଂ ସମ୍ପୃକ୍ତ ଗ୍ରାମଗୁଡିକରେ ପ୍ରମୁଖ ଦଳଗତ ଆଲୋଚନା ପରିଚାଳନା କଲେ | ସହଭାଗୀ ଗ୍ରାମ୍ୟ ଅବଧାରଣା ମାଧ୍ୟମରେ ସାମାଜିକ ଚିତ୍ର ଏବଂ ସମ୍ବଳ ଚିତ୍ର କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକଳାପ ଦଳର ମୁଖ୍ୟ (ଟିମ୍ ଲିଡର) ଙ୍କ ମାର୍ଗଦର୍ଶନରେ କରାଯାଇଥିଲା।

- ପ୍ରସ୍ତାବିତ ପ୍ରକଳ୍ପ ପାଇଁ SIA ଅଧ୍ୟୟନ ଆରମ୍ଭ କରିବା ପୂର୍ବରୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶା ସରକାରଙ୍କ ବିଜ୍ଞପ୍ତି No.RDM-LAB-GM-0004-2021-33114/RDM ଦ୍ୱାରା ଓଡିଆ ସରକାରୀ ଗେଜେଟ୍ ମାଧ୍ୟମରେ SIA ଅଧ୍ୟୟନ ପାଇଁ ତା୦୩/୧୧/୨୦୨୧ରିଖରେ (ସଂଲଗ୍ନ-୧)ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ ଗ୍ରୀନ୍ ଇଣ୍ଡିଆର ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ ପ୍ରକଳ୍ପ ସ୍ଥାନ ଯାଞ୍ଚ କରିବା ଏବଂ ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବା ପାଇଁ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିଥିଲେ | ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବା ପରେ, ଗ୍ରୀନ୍ ଇଣ୍ଡିଆର ଅନୁସନ୍ଧାନକାରୀ ଦଳ ବିଭିନ୍ନ ହିତାଧିକାରୀଙ୍କ ସହ ପ୍ରକଳ୍ପ ବିଷୟରେ ଆଲୋଚନା ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ପରାମର୍ଶ ବୈଠକ ଆୟୋଜନ କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ପ୍ରକଳ୍ପ ପ୍ରତି ଭୟ, ପ୍ରକଳ୍ପ ବିଷୟରେ ସଚେତନତାର ସ୍ତର ଏବଂ କରିଡର ପ୍ରକଳ୍ପର ସମ୍ଭାବ୍ୟ ପ୍ରଭାବ ବିଷୟରେ ପଚାରି ବୁଝିଥିଲେ। ପ୍ରକଳ୍ପ ଏବଂ ସର୍ଭେ ପ୍ରଣାଳୀ ବିଷୟରେ ସୂଚନା ସମସ୍ତ ସମ୍ପ୍ରଦାୟ ସହିତ ଆଲୋଚନା କରାଯାଇଥିଲା । ସର୍ଭେ ପାଇଁ କେଉଁ ପ୍ରକାରର ତଥ୍ୟ ଦରକାର ହେବ ତାହା ଯୋଗାଡକରିବା ଏବଂ ସର୍ବେକ୍ଷଣ ପାଇଁ ପ୍ରସ୍ତୁତ ହେବାର ଆବଶ୍ୟକତା ବିଷୟରେ ମଧ୍ୟ ସୂଚନା ଦିଆଯାଇଥିଲା ।

## ୧.୮ ଅନୁସନ୍ଧାନ ପଦ୍ଧତି ଏବଂ ଉପକରଣ

- ଅଧ୍ୟୟନଟି ପରୀକ୍ଷାମୂଳକ ଏବଂ ଉଭୟ ସଂଖ୍ୟାତ୍ମକ ଏବଂ ଗୁଣାତ୍ମକ ତଥ୍ୟ ଉପରେ ଆଧାରିତ, ଏଥରେ ପ୍ରତ୍ୟକ ପ୍ରଭାବିତ ଗୃହର ସର୍ବେକ୍ଷଣ ସହ, ଅନ୍ତର୍ଭୁକ୍ତ ନିର୍ଦ୍ଦିଷ୍ଟ ଦଳଙ୍କ ସହ ଆଲୋଚନା (FGDs), କ୍ଷେତ୍ର ପରିଦର୍ଶନ, ସାମାଜିକ ଓ ସମ୍ବଳ ମାନଚିତ୍ର, ସହଭାଗୀ ଗ୍ରାମ୍ୟ ଅବଧାରଣା (PRA) କୌଶଳ ଏବଂ ପ୍ରମୁଖ ସୂଚନାଦାତା

ସାକ୍ଷାତକାର (KII) କୁ ଅନ୍ତର୍ଭୁକ୍ତ କରାଯାଇଛି ।  ଅଧ୍ୟୟନ ପ୍ରକ୍ରିୟା ସମୟରେ ନିମ୍ନଲିଖିତ ଗବେଷଣା ପଦ୍ଧତି / ଉପକରଣଗୁଡ଼ିକ ଗ୍ରହଣ କରାଯାଇଥିଲା ।

**ଡେସ୍କ ସମୀକ୍ଷା**

- ଉପଲବ୍ଧ ପ୍ରକାଶିତ ଏବଂ ଅଣପ୍ରକାଶିତ ରିପୋର୍ଟ ର ସମୀକ୍ଷା, ବିକାଶ ଯୋଜନା ଏବଂ ମାନଚିତ୍ର, ପୁନର୍ବାସ ଓ ଥଥନ ନୀତି ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ଅଧିନିୟମ, ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ, ୨୦୧୩ ଏବଂ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ, ଓଡିଶା ସରକାରଙ୍କ ଭୂମି-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ନିୟମ, ୨୦୧୬ ଆଧାରରେ କ୍ଷତି ପୂରଣ ଦେୟ ନିର୍ଦ୍ଧାରଣ, କ୍ଷତିପୂରଣ ଏବଂ ସ୍ୱଛତା ଉପରେ ଏକ ସମୀକ୍ଷା, ଗବେଷଣା ପ୍ରକାଶନଗୁଡ଼ିକ ଅଧ୍ୟୟନ ପ୍ରକ୍ରିୟାର ଏକ ଅଂଶ ଭାବରେ କରାଯାଇଥିଲା |

**ପ୍ରଭାବିତ ଏବଂ ଅଣ ପ୍ରଭାବିତ ଗୃହ ମାଲିକଙ୍କ ସହିତ ବ୍ୟକ୍ତିଗତ ସାକ୍ଷାତକାର**

- ଘରୋଇ ସର୍ବେକ୍ଷଣ ପାଇଁ ପୂର୍ବ-ପରୀକ୍ଷିତ କାର୍ଯ୍ୟସୂଚୀ / ପ୍ରଶ୍ନପତ୍ର, ସମସ୍ତ ପ୍ରଭାବିତ ପରିବାର ଏବଂ ଅଣ ପ୍ରଭାବିତ ପରିବାରର ଏକ ନମୁନା ଆକାର ସେମାନଙ୍କର ଆୟ-ବ୍ୟୟ, ଜମି ଧାରଣ ଢାଞ୍ଚା, ଜମି ଓ ଜମିର ବ୍ୟବହାର ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଅଧିଗ୍ରହଣ ସମ୍ପତ୍ତିର ଅଧିକାର, ମୌଳିକ ଭିତ୍ତିଭୂମି ଏବଂ ଅନୁଷ୍ଠାନ ସୁବିଧା, କ୍ଷତି, ସାମାଜିକ ଏବଂ ଅର୍ଥନୈତିକ ଲାଭ ଏବଂ ପରିଣାମ ପାଇଁ ସେମାନଙ୍କର ଆଶା (ଜମି କିମ୍ବା ନଗଦ) ଇତ୍ୟାଦି ବିଷୟରେ ତଥ୍ୟ ସଂଗ୍ରହ କରଯାଇଥିଲା ।  କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବା ପୂର୍ବରୁ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ରଭାବିତ ବ୍ୟକ୍ତିଙ୍କ ମତ ଏବଂ ପ୍ରକଳ୍ପ ପ୍ରଭାବ ଦୃଶ୍ୟକୁ ପ୍ରତିଫଳିତ କରୁଥିବା ବ୍ୟକ୍ତିଙ୍କ ମତ ବ୍ୟତୀତ ପ୍ରଶ୍ନପତ୍ରର ଅଧିକାଂଶ ଅଂଶ ପ୍ରି-କୋଡ୍ କରାଯାଇଥିଲା । ପ୍ରଶ୍ନପତ୍ର ପରିଚାଳନା କରିବା ପୂର୍ବରୁ, ପ୍ରଭାବିତ ପରିବାରମାନଙ୍କୁ ସେହି ନିର୍ଦ୍ଦିଷ୍ଟ ଢାଞ୍ଚା ଏବଂ ସ୍ଥାନରେ ସେମାନଙ୍କର ବାସିନ୍ଦାର  ପ୍ରମାଣପତ୍ର ଓ ଆବଶ୍ୟକ କାଗଜର ନକଲ ପ୍ରଦାନ କରିବାକୁ କୁହାଯାଇଥିଲା ଓ ସେଥିପାଇଁ ସାଧାରଣ ବଣ୍ଟନ ପତ୍ର, ଜମିର ପଟ୍ଟା, ଭୋଟ ପରିଚୟ ପତ୍ର  ଇତ୍ୟାଦି ଯାଞ୍ଚ କରାଯାଇଥିଲା ।

**ନିର୍ଦ୍ଦିଷ୍ଟ ଦଳଗତ ଆଲୋଚନା (FGDs) ଏବଂ ଜନ ପରାମର୍ଶ |**

- ପ୍ରତ୍ୟେକ ଗ୍ରାମ ସ୍ତରରେ ପ୍ରଭାବିତ ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ ଦଳ ଗଠନ କରାଯାଇଥିଲା । ଓ ସେଥିପାଇଁ ତିନୋଟି ପୃଥକ ଉପକରଣ ବ୍ୟବହାର କରାଯାଇଥିଲା ଯଥା (କ) ଜନ ପରାମର୍ଶ ଏବଂ ବିଭିନ୍ନ ଦଳ ଗଠନ ପାଇଁ ଫର୍ମାଟ୍, (ଖ) ସାଧାରଣ ଭିତ୍ତିଭୂମି ସର୍ବେକ୍ଷଣ (ଗ) ସାମାଜିକ ଏବଂ ସାଂସ୍କୃତିକ ଭିତ୍ତିଭୂମି ସର୍ବେକ୍ଷଣ । ଭିତ୍ତିଭୂମି ସର୍ବେକ୍ଷଣ ପାଇଁ ସଂରଚନା ଢାଞ୍ଚାକୁ ପ୍ରସ୍ତୁତ କରାଯାଇଥିଲା ଏବଂ ପ୍ରକଳ୍ପ ବିଷୟରେ ସାଧାରଣ ଧାରଣା ଏବଂ ସଚେତନତା, ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକଙ୍କ ସମର୍ଥନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ସମସ୍ୟା, ସାମାଜିକ-ଅର୍ଥନୈତିକ ଅବସ୍ଥା ସହିତ ସାମାଜିକ-ଅର୍ଥନୈତିକ ପରିଣାମ ସହିତ ଅର୍ଦ୍ଧ-ସଂରଚନା ଢାଞ୍ଚା ପ୍ରସ୍ତୁତ କରାଯାଇଥିଲା । ପ୍ରସ୍ତାବିତ ପ୍ରକଳ୍ପ ପ୍ରକଳ୍ପର ପର୍ଯ୍ୟବେକ୍ଷକମାନେ ପ୍ରଭାବିତ ଗ୍ରାମଗୁଡିକରେ ସମସ୍ତ ନିର୍ଦ୍ଦିଷ୍ଟ ଦଳ ଏବଂ ଜନପରାମର୍ଶର ଆୟୋଜନ କରିଥିଲେ । ଗ୍ରାମର ପ୍ରମୁଖ ବ୍ୟକ୍ତି, ଆଦିବାସୀ ନେତା, ୱାର୍ଡ ସଦସ୍ୟ / ସରପଞ୍ଚ, ଯୁବ ବ୍ୟକ୍ତି, ବୃଦ୍ଧ ବ୍ୟକ୍ତି, ଆଶା, ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂ ସହାୟକ ଦଳର ସଦସ୍ୟଙ୍କ ସମେତ ଅନ୍ୟ ମହିଳା ସଦସ୍ୟ (ପ୍ରତ୍ୟେକ ଗ୍ରାମରେ ୨୦ ଜଣଙ୍କ ପାଇଁ ସର୍ବାଧିକ ସୀମା) ଏହି ପରାମର୍ଶର ଅଂଶଗ୍ରହଣ କରିଥିଲେ । ସଭାଗୁଡ଼ିକରେ ଅଂଶଗ୍ରହଣକାରୀଙ୍କ ତାଲିକା ସଂଲଗ୍ନ-୨ ରେ ଉଲ୍ଲେଖ କରାଯାଇଛି । ଜନପରାମର୍ଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରସ୍ତାବିତ ପ୍ରକଳ୍ପଟି ଲୋକମାନଙ୍କ ପାଇଁ ଗ୍ରହଣୀୟ କି ନୁହେଁ ଏବଂ ଏହା ସହିତ ଜଡିତ ପ୍ରଭାବିତ ପକ୍ଷକୁ ଆକଳନ କରିବା ।

## ୧.୯ ନମୁନା ଡିଜାଇନ୍

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ, ସମସ୍ତ ପ୍ରଭାବିତ ପରିବାରକୁ ସର୍ବେକ୍ଷଣ କରାଯାଇଛି । ପ୍ରକଳ୍ପର ତୁଳନାତ୍ମକ ପ୍ରଭାବ ଆକଳନ ଖୋଜିବା ପାଇଁ, ପ୍ରତ୍ୟେକ ଗ୍ରାମର ୧୦ଟି ଅଣ-ପ୍ରଭାବିତ ପରିବାରକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା (ସାରଣୀ -୧.୨ ରେ ଉଲ୍ଲେଖ କରାଯାଇଛି) । ସର୍ବେକ୍ଷଣ କରାଯାଇଥିବା ୪୨ଟି ପରିବାର ମଧ୍ୟରୁ ୨୨ଟି ପରିବାର ପ୍ରଭାବିତ ପରିବାର ଥିଲେ | ଏହା ବ୍ୟତୀତ ପ୍ରଭାବିତ ଗ୍ରାମଗୁଡିକ ମଧ୍ୟରୁ ୨୦ଟି ଅଣ-ପ୍ରଭାବିତ ପରିବାରକୁ ସ୍ଥଳ ବିଶେଷରେ ସର୍ଭେ କରାଯାଇଥିଲା । ସମୁଦାୟ ୪୨ ଟି ପରିବାରର ସର୍ବେକ୍ଷଣ କରାଯାଇଥିଲା

**ସାରଣୀ-୧.୨ : ଅଧ୍ୟୟନ କରାଯାଇଥିବା ପ୍ରକଳ୍ପ ଅନ୍ତର୍ଗତ ପରିବାର**

| ଗ୍ରାମର ନାମ | ଗ୍ରାମ ପଞ୍ଚାୟତ / ବିଜ୍ଞାପିତ ଅଞ୍ଚଳ ପରିଷଦର ନାମ | ତହସିଲର ନାମ | ପଟ୍ଟା ଅନୁସାରେ ସମୁଦାୟ କ୍ଷତିଗ୍ରସ୍ତ ପରିବାର | ସର୍ବେକ୍ଷଣ ହୋଇଥିବା କ୍ଷତିଗ୍ରସ୍ତ ପରିବାର | ସର୍ବେକ୍ଷଣ ହୋଇଥିବା ଅଣ କ୍ଷତିଗ୍ରସ୍ତ ପରିବାର | ସର୍ବେକ୍ଷଣ ହୋଇଥିବା ସମୁଦାୟ ପରିବାର |
|---|---|---|---|---|---|---|
| **ବାସନ ପୁଟି** | ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ | ଛତ୍ରପୁର | ୧୮ | ୧୬ | ୧୦ | ୨୬ |
| **ବଡପୁଟି** | କାଳୀପୁଟି ଗ୍ରାମ ପଞ୍ଚାୟତ | ଛତ୍ରପୁର | ୬ | ୬ | ୧୦ | ୧୬ |
| **ସମୁଦାୟ କ୍ଷତିଗ୍ରସ୍ତ ପରିବାର** | | | ୨୪ | ୨୨ | ୨୦ | ୪୨ |

ଉତ୍ସ-କ୍ଷେତ୍ର ସର୍ବେକ୍ଷଣ, ନଭେମ୍ବର ୨୦୨୧

- ତଥ୍ୟ ବିଶ୍ଳେଷଣ କରିବାପାଇଁ ହାରାହାରି ଏବଂ ଶତକଡା ପରି ସରଳ ଏବଂ ପ୍ରାସଙ୍ଗିକ ପରିସଂଖ୍ୟାନ ପ୍ରଣାଳୀ ବ୍ୟବହାର କରାଯାଇଥିଲା ।
- ସାମାଜିକ ପ୍ରଭାବ ଆକଳନ (SIA) ଏବଂ ଥଇଥାନ କାର୍ଯ୍ୟ ଯୋଜନା (RAP) ଦରକାରହୁଏ ଯେତେବେଳେ ପ୍ରକଳ୍ପର ଫଳାଫଳ ଲୋକଙ୍କ ମୂଳ ଜୀବିକାକୁ ବ୍ୟାହତ କରେ । ଥଇଥାନ ଯୋଜନା ନିଶ୍ଚିତ କରିବାକୁ ପଡିବ ଯେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଲୋକଙ୍କ ଜୀବିକା ପ୍ରକଳ୍ପ ଆରମ୍ଭ ହେବା ପୂର୍ବରୁ ବିଦ୍ୟମାନ ସ୍ତରକୁ ଫେରି ଆସିବ । ଏକ ପ୍ରଭାବଶାଳୀ SIA ଏବଂ RAP ପ୍ରସ୍ତୁତ କରିବାବେଳେ, ଅଧ୍ୟୟନ କିଛି ଜରୁରୀ ଉପାଦାନ ଏବଂ ପଦକ୍ଷେପଗୁଡ଼ିକୁ ଅନୁସରଣ କରେ ଯାହା ନିମ୍ନଲିଖିତ ଅଟେ:
- ପ୍ରକଳ୍ପର ସାମାଜିକ-ଅର୍ଥନୈତିକ ପ୍ରଭାବର ଚିହ୍ନଟ;
- ଜନସାଧାରଣଙ୍କ ପରାମର୍ଶ;
- ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପାଇଁ ଆଇନଗତ ଢାଞ୍ଚା;
- ପ୍ରାପ୍ୟ ପାଇଁ ନୀତି ଏବଂ ଏହାର ଛାଞ୍ଚ ବା ମ୍ୟାଟ୍ରିକ୍ସ;
- ସାଂଗଠନିକ ଦାୟିତ୍ୱ
- ଆୟର ପୁନରୁଦ୍ଧାର
- କାର୍ଯ୍ୟାନ୍ୱୟନ କାର୍ଯ୍ୟସୂଚୀ;
- ପୁନର୍ବାସ ଓ ଥାଇଥାନର ସଂପୂର୍ଣ୍ଣ ଯୋଜନା, ଏବଂ
- ପର୍ଯ୍ୟାଲୋଚନା, ମୂଲ୍ୟାଙ୍କନ ଏବଂ ଏହାର ବିବୃତି/ରିପୋର୍ଟ କରିବା
- ଜମି ଅଧିଗ୍ରହଣ, ପୁନର୍ବାସ ଏବଂ ଥଇଥାନରେ ଉଚିତ କ୍ଷତିପୂରଣ ଏବଂ ସ୍ୱଚ୍ଛତାର ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେରଖି ସାମାଜିକ ପ୍ରଭାବ ଆକଳନ ଓ ଥାଇଥାନର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ ଯାହାକି ଭୂମି-ଅର୍ଜନ, ପୁନର୍ବାସ ଓ

ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ, ୨୦୧୩ (ଓଡିଶା ସରକାରଙ୍କ ନିୟମ ୨୦୧୬) ଅନ୍ତର୍ଭୁକ୍ତ । କିନ୍ତୁ ବର୍ତ୍ତମାନର ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କୌଣସି ବିସ୍ଥାପନ, ପୁନର୍ବାସ ଓ ପୁନଃ ଥଇଥାନ ସମ୍ଭାବନା ନାହିଁ ।

## ୧.୧୦ ଦସ୍ତାବିଜ ଅନୁଶୀଳନ ଏବଂ ରିପୋର୍ଟ ପ୍ରସ୍ତୁତ

- ପ୍ରକଳ୍ପର ରିପୋର୍ଟ, ଜମି ଅଧିଗ୍ରହଣ ଅଧିନିୟମ, ୨୦୧୩, ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଏବଂ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ସଂକଳିତ ହୋଇଛି । ଏହି ରିପୋର୍ଟରେ ପ୍ରକଳ୍ପ ପ୍ରଭାବିତ ପରିବାର, ସେମାନଙ୍କର ପ୍ରକଳ୍ପ ବିଷୟରେ ଧାରଣା ଓ ଇଚ୍ଛା ସହ ପ୍ରକଳ୍ପରୁ ସେମାନଙ୍କର ଆଶା ଆଦି ବର୍ଣ୍ଣନା କରାଯାଇଛି ।

## ୧.୧୧ ଅଧ୍ୟୟନର ପରିସୀମା

- ଅଧ୍ୟୟନଟି ପ୍ରଭାବିତ ଜମିର ପଟ୍ଟା ଅନୁଯାୟୀ, ପ୍ରକଳ୍ପ ପ୍ରଭାବିତ ୨ଟି ଗ୍ରାମର ପ୍ରଭାବିତ ଜମି ଧାରକମାନଙ୍କ ମଧ୍ୟରେ ସୀମିତ
- ପ୍ରଭାବିତ ପରିବାର ଅନୁପସ୍ଥିତ ନଥିବାରୁ ସେ ଦୁଇଟିପରିବାରର ସୋରଭେ ହୋଇପାରିଲାନି

## ୧.୧୨ ରିପୋର୍ଟର ଗଠନ ଓ ପ୍ରସ୍ତୁତ ପ୍ରଣାଳୀ

ଏହି ଅଧ୍ୟୟନ ରିପୋର୍ଟଟି କାର୍ଯ୍ୟନିର୍ବାହୀ ସାରାଂଶକୁ ବାଦ ଦେଇ, ୫ଟି ଅଧ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ଅଧ୍ୟାୟରେ ପ୍ରକଳ୍ପ ପୃଷ୍ଠଭୂମି, ପୁନର୍ବାସ ଏବଂ ଥାଇଥାନ (R&R) ନୀତି, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ନୀତିନିୟମ, କାର୍ଯ୍ୟ ପରିସର, ଉଦ୍ଦେଶ୍ୟ, ନମୁନା ଡିଜାଇନ୍ ଏବଂ ପଦ୍ଧତି, ପ୍ରକଳ୍ପର ଅବସ୍ଥାନ, ଜମି ଆବଶ୍ୟକତା, ଅଧ୍ୟୟନ ପଦ୍ଧତି ଏବଂ ପ୍ରକ୍ରିୟା, ସୀମିତତା ଇତ୍ୟାଦି ବର୍ଣ୍ଣନା ହୋଇଛି । ଦିତୀୟ ଅଧ୍ୟାୟରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କ୍ଷେତ୍ର ବିଷୟରେ ସଂପୂର୍ଣ୍ଣ ବିବରଣୀ ଦିଆଯାଇଛି । ତୃତୀୟ ଅଧ୍ୟାୟରେ ପ୍ରକଳ୍ପ ପ୍ରଭାବିତ ଏବଂ ଅଣ ପ୍ରଭାବିତ ପରିବାରର ସାମାଜିକ-ଅର୍ଥନୈତିକ ଚଳଣି ଓ ଅବସ୍ଥା ଉପରେ ଧ୍ୟାନ ଦିଆଯାଇଛି । ଜମି ଅଧିଗ୍ରହଣ ବିଷୟରେ ଲୋକଙ୍କ ମତାମତ, ଏହାର ପ୍ରଭାବ ଏବଂ ଧାରଣା ଚତୁର୍ଥ ଅଧ୍ୟାୟରେ ସମୀକ୍ଷା କରାଯାଇଛି । ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP), କ୍ଷୟକ୍ଷତି, ମୂଲ୍ୟ-ଲାଭ ସବୁର ବିଶ୍ଲେଷଣ ଏବଂ ସୁପାରିଶକୁ ଅନ୍ତର୍ଭୁକ୍ତ କରି ପଞ୍ଚମ ଅଧ୍ୟାୟରେ ଉଲ୍ଲେଖ କରାଯାଇଛି ।

## ୧.୧୩ ସାମାଜିକ ପ୍ରଭାବ ଆକଳନ ଦଳର ସଦସ୍ୟ ବୃନ୍ଦ

| | |
|---|---|
| ପ୍ରୋଜେକ୍ଟ ଦଳର ମୁଖ୍ୟ : | ମାନସ ରଂଜନ ଖୁଣ୍ଟିଆ, ସମାଜ ସେବାରେ ସ୍ନାତକତ୍ତୋର |
| କ୍ଷେତ୍ର ପର୍ଯ୍ୟବେକ୍ଷକ: | ମନୋଜ କୁମାର ପ୍ରଧାନ, କଳାରେ ସ୍ନାତକ |
| କ୍ଷେତ୍ର ଅନୁସନ୍ଧାନକାରୀ: | ବାବାଜୀ ଚରଣ ଦାସ, କଳାରେ ସ୍ନାତକ |
| କ୍ଷେତ୍ର ଅନୁସନ୍ଧାନକାରୀ: | ସତ୍ୟ ନାରାୟଣ ରାଣା, କଳାରେ ସ୍ନାତକ |
| ଡାଟା ଆନାଲିଷ୍ଟ: | ସୋନାଲି ନାୟକ , କଳାରେ ସ୍ନାତକତ୍ତର |
| ଡାଟା ଆନାଲିଷ୍ଟ: | ରବୀନ୍ଦ୍ର କୁମାର ବେହେରା, ବ୍ୟବସାୟ ପରିଚାଳନାରେ ସ୍ନାତକତ୍ତର |

# ଅଧ୍ୟୟନ କ୍ଷେତ୍ରର ଅବସ୍ଥିତି

ଉକ୍ତ ଅଧ୍ୟାୟରେ ପ୍ରକଳ୍ପ ହେଉଥିବା ଗ୍ରାମ, ବ୍ଲକ, ତହସିଲ ଓ ଜିଲ୍ଲାର ଅବସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରାଯାଇଛି । ପ୍ରସ୍ତାବିତ ପ୍ରକଳ୍ପଟି ଛତ୍ରପୁର ବ୍ଲକ, ଗଞ୍ଜାମ ଜିଲ୍ଲା, ଓଡିଶାର ଦୁଇଟି ଗ୍ରାମ ଉପରେ ପ୍ରଭାବ ପକାଉଛି ।

ଓଡିଶା ବଙ୍ଗୋପସାଗର ଉପକୂଳରେ ୧୭ ଉତ୍ତର ରୁ ୨୨.୩ ଅକ୍ଷାଂଶ ମଧ୍ୟରେ ଏବଂ ୮୧.୩ ରୁ ୮୭.୫ ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ଏକ ରାଜ୍ୟ । ଏହାର ଦକ୍ଷିଣରେ ଆନ୍ଧ୍ରପ୍ରଦେଶ, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଛତିଶଗଡ ରାଜ୍ୟ, ପଶ୍ଚିମବଙ୍ଗ ଏବଂ ଉତ୍ତରରେ ବିହାର ରାଜ୍ୟ ଅବସ୍ଥିତ । ଓଡିଶାର ୧,୫୫,୭୦୭ ବର୍ଗ କିଲୋମିଟର ଜମି ଅଛି ଓ ୨୦୧୧ ଜନଗଣନା ଅନୁଯାୟୀ ୪.୧୯ କୋଟି ଜନସଂଖ୍ୟା ଏଠାରେ ବସବାସ କରନ୍ତି । ଓଡ଼ିଶାର ଜନସଂଖ୍ୟାର ଘନତା କିମି ପ୍ରତି ୨୭୦ ଅଟେ । ଓଡିଶାରେ ସାକ୍ଷରତା ହାର ୭୨.୯ ପ୍ରତିଶତ ଦର୍ଶାଉଛି ଯେଉଁଥିରେ ପୁରୁଷ ସାକ୍ଷରତା ୮୧.୫୯ ପ୍ରତିଶତ ଏବଂ ମହିଳା ସାକ୍ଷରତା ୬୪.୦୧ ପ୍ରତିଶତ ଅନ୍ତର୍ଭୁକ୍ତ । ଭାରତ ତୁଳନାରେ ଓଡିଶାରେ ଲିଙ୍ଗ ଅନୁପାତ ଭଲ ।

## ୨.୧ ଅଧ୍ୟୟନ ଜିଲ୍ଲା: ଗଞ୍ଜାମ

ଗଞ୍ଜାମ ଜିଲ୍ଲା ୧ ଏପ୍ରିଲ ୧୯୩୬ ରେ ଗଠନ ହୋଇଥିଲା । ଗଞ୍ଜାମ ଜିଲ୍ଲା ୧୯.୪ ରୁ ୨୦.୧୭ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୪.୭ ରୁ ୮୫.୧୨ ଡିଗ୍ରୀ ପୂର୍ବ ଦ୍ରାଘିମା ଉପରେ ଅଛି । ଏହା ଉତ୍ତରରେ ନୟାଗଡ଼ ଜିଲ୍ଲା, ଦକ୍ଷିଣରେ ଗଜପତି ଜିଲ୍ଲା, ପୂର୍ବରେ ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲା ଏବଂ ପଶ୍ଚିମରେ କନ୍ଧମାଳ ଜିଲ୍ଲା ଦ୍ୱାରା ଅବସ୍ଥିତ ।

୨୦୧୧ ଜନଗଣନା ଅନୁଯାୟୀ ଏହି ଜିଲ୍ଲାର କ୍ଷେତ୍ରଫଳ ହେଉଛି ୮୨୦୬ ବର୍ଗ କି.ମି. ଓ ଜନସଂଖ୍ୟା ୩୫୨୯୦୩୧ ଅଟେ । ଏହି ଜିଲ୍ଲା ଓଡିଶା ରାଜ୍ୟର ୫.୨୭ ଭାଗ ଏବଂ ରାଜ୍ୟ ଜନସଂଖ୍ୟାର ୮.୪୧ ପ୍ରତିଶତ ଅଂଶୀଦାର ଅଟେ । ଜିଲ୍ଲାର ଜନସଂଖ୍ୟାର ଘନତା ବର୍ଗ କିମି ପ୍ରତି ୪୩୦ ଯଦିଓ ରାଜ୍ୟ ଜନସଂଖ୍ୟାର ଜନସଂଖ୍ୟାର ଘନତା ବର୍ଗ କିମି ପ୍ରତି ୨୭୦ ଅଟେ । ଏହି ଜିଲ୍ଲାରେ ୩୨୧୨ଟି ଗ୍ରାମ ଅଛି (୪୦୦ଟି ଅଣ-ଜନବହୁଳ ଗ୍ରାମକୁ ଅନ୍ତର୍ଭୁକ୍ତ କରି) ଏବଂ ଏଥରେ ସମୁଦାୟ ୭,୫୬,୮୯୪ ପରିବାର ବସବାସ କରନ୍ତି । ଜିଲ୍ଲାରେ ସମୁଦାୟ ୨୨ଟି ବ୍ଲକ ୨୩ଟି ତହସିଲ, ୩ଟି ସବଡିଭିଜନ୍ ଏବଂ ୧୮ଟି ସହରୀ ସଂସ୍ଥାକୁ ନେଇ ଗଠିତ ହୋଇଛି । ସମୁଦାୟ ଜନସଂଖ୍ୟା ମଧ୍ୟରୁ ପୁରୁଷ ଜନସଂଖ୍ୟା ହେଉଛି ୧୭,୭୯,୨୧୮ ଏବଂ ମହିଳାଙ୍କ ସଂଖ୍ୟା ହେଉଛି ୧୭,୪୯,୮୧୩ । ମୋଟ ଜନସଂଖ୍ୟାର ୧୯.୫% ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି/ଆଦିବାସୀ ୩.୪% ଏଠାରେ ବସବାସ କରନ୍ତି । ରାଜ୍ୟରେ ମହିଳାଙ୍କ ସଂଖ୍ୟା ୯୭୮ ତୁଳନାରେ ପୁରୁଷ ୧୦୦୦ ଥିବାବେଳେ ଗଞ୍ଜାମ ଜିଲ୍ଲାରେ ଲିଙ୍ଗର ଅନୁପାତ ୯୮୩, ଗଞ୍ଜାମ ଜିଲ୍ଲାର ସାକ୍ଷରତା ହାର ୭୧.୧% ତୁଳନାରେ ରାଜ୍ୟର ସାକ୍ଷରତା ହାର ୭୨.୯% ଅଟେ।

**ସାରଣୀ ୨.୧ ସଂକ୍ଷେପରେ ଗଞ୍ଜାମ ଜିଲ୍ଲା**

| ସଙ୍କେତକ | ଗଞ୍ଜାମ ଜିଲ୍ଲା | ଓଡିଶା ରାଜ୍ୟ |
|---|---|---|
| ଭୌଗଳିକ କ୍ଷେତ୍ରଫଳ (ବର୍ଗ କିମି) | ୮୨୦୬ ବର୍ଗ କିମି | ୧୫୫୭୦୭ ବର୍ଗ କିମି |
| ଉପ-ବିଭାଜନ (ନଂ) | ୩ | ୫୮ |
| ସମୁଦାୟ ତହସିଲ (ନଂ) | ୨୩ | ୧୭୧ |
| ଗୋଷ୍ଠୀ ଉନ୍ନୟନ ସଂସ୍ଥା (ନଂ) | ୨୨ | ୩୧୪ |

| ସଙ୍କେତକ | ଗଞ୍ଜାମ ଜିଲ୍ଲା | ଓଡିଶା ରାଜ୍ୟ |
|---|---|---|
| ସହରାଞ୍ଚଳ ଉନ୍ନୟନ ସଂସ୍ଥା (ନଂ) | ୧୮ | ୬୮ |
| ଗ୍ରାମପଞ୍ଚାୟତ (ନଂ) | ୪୭୫ | ୬୨୩୪ |
| ଗ୍ରାମ (ନଂ) | ୩୨୧୨ | ୫୧୩୪୯ |
| ଜନସଂଖ୍ୟା (ନଂ) | ୭୫୬୮୯୪ | ୯୬୩୭୮୨୦ |
| ସମୁଦାୟ ଜନସଂଖ୍ୟା | ୩୫୨୯୦୩୧ | ୪୧୯୭୪୨୧୮ |
| ପ୍ରତି ବର୍ଗ କିମିରେ ଜନସଂଖ୍ୟାର ସାନ୍ଦ୍ରତା | ୪୩୦ | ୨୭୦ |
| % ଅନୁସୂଚିତ ଜାତିଙ୍କ ସଂଖ୍ୟା | ୧୯.୫% | ୧୬.୫୩ |
| % ଅନୁସୂଚିତ ଜନଜାତିଙ୍କ ସଂଖ୍ୟା | ୩.୪% | ୨୨.୧୩ |
| ଲିଙ୍ଗଗତ ଭାଗ (ପ୍ରତି ୧୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା) | ୯୮୩ | ୯୭୮ |
| ସାକ୍ଷରତା ହାର (%) | ୭୧.୧ | ୭୨.୯ |

ଉତ୍ସ : ଜନଗଣନା ୨୦୧୧

ଉକ୍ତ କରିଡର ପ୍ରକଳ୍ପ ପାଇଁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ତହସିଲର ବାସନାପୁଟି ଏବଂ ବଡପୁଟି ଗ୍ରାମଗୁଡିକର ମୋଟ ୩୫.୯୯୨ ଏକର ଘରୋଇ ଜମି ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଛତ୍ରପୁର ତହସିଲ / ବ୍ଲକର ଜନସଂଖ୍ୟା ବିବରଣୀ ନିମ୍ନରେ ଦିଆଯାଇଛି:

## ୨.୨ ବ୍ଲକ୍-ଛତ୍ରପୁର

ଏହି ବ୍ଲକଟି ୨୩୭.୪୫ ବର୍ଗ କିଲୋମିଟରର ଏକ ଭୌଗୋଳିକ କ୍ଷେତ୍ର ଓ ୨୬୩୦୦ ପରିବାରକୁ ନେଇ ଗଠିତ। ୨୦୧୧ ଜନଗଣନା ଅନୁଯାୟୀ ଛତ୍ରପୁର ବ୍ଲକ୍ ୮୦ଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ । ଏହି ବ୍ଲକର ସମୁଦାୟ ଜନସଂଖ୍ୟା ୯୪,୬୮୩ । ସେଥିମଧ୍ୟରୁ ୪୭,୪୬୮ ପୁରୁଷ ଥିବାବେଳେ ୪୭,୨୧୫ ଜଣ ମହିଳା ଅଟନ୍ତି । ବ୍ଲକର ହାରାହାରି ଲିଙ୍ଗର ଅନୁପାତ ୯୯୫ ମହିଳା ପ୍ରତି ୧୦୦୦ ପୁରୁଷ ଅଟେ । ଅନୁସୂଚିତ ଜାତିର ଜନସଂଖ୍ୟା ଏବଂ ଅନୁସୂଚିତ ଜନଜାତି ଯଥାକ୍ରମେ ୨୨,୬୨୪ ଏବଂ ୪୮୦ ଥିଲେ। ଛତ୍ରପୁର ବ୍ଲକର ସାକ୍ଷରତା ହାର ହେଉଛି ୭୩.୫୭% । ଛତ୍ରପୁର ବ୍ଲକରେ ପୁରୁଷ ସାକ୍ଷରତା ହାର ୭୫.୦୨% ଥିବାବେଳେ ମହିଳା ସାକ୍ଷରତା ହାର ୫୭.୨୧% । ମୋଟ ୩୮,୬୧୧ ଶ୍ରମିକଙ୍କ ମଧ୍ୟରୁ ୨୧,୦୧୬ (୫୪.୪%) ମୁଖ୍ୟ ଶ୍ରମିକ ବୋଲି ଜଣାପଡିଛି । (ସାରଣୀ -୨.୨)

**ସାରଣୀ ୨.୨ ପ୍ରକଳ୍ପ ପ୍ରଭାବିତ ତହସିଲର ଜନସଂଖ୍ୟାର ବିବରଣୀ** *(ଜନଗଣନା ୨୦୧୧)*

| ସଙ୍କେତକ | ଗଞ୍ଜାମ |
|---|---|
| **ସମୁଦାୟ ପରିବାର** | ୨୬୩୦୦ |
| **ସମୁଦାୟ ଜନସଂଖ୍ୟା** | ୯୪୬୮୩ |
| **ସମୁଦାୟ ପୁରୁଷ ଜନସଂଖ୍ୟା** | **୪୭୪୬୮** |
| **ସମୁଦାୟ ମହିଳା ଜନସଂଖ୍ୟା** | ୪୭୨୧୫ |
| **ସମୁଦାୟ ଅନୁସୂଚିତ ଜାତିଙ୍କ ସଂଖ୍ୟା** | ୨୨୬୨୪ |
| **ଅନୁସୂଚିତ ଜନଜାତିଙ୍କ ସଂଖ୍ୟା** | ୪୮୦ |
| **ସମୁଦାୟ ସାକ୍ଷରତା ହାର** | ୭୩.୫୭ |
| **ପୁରୁଷ ସାକ୍ଷରତା** | ୭୫.୦୨ |
| **ମହିଳା ସାକ୍ଷରତା** | ୫୭.୨୧ |

| ସଙ୍କେତକ | ଗଞ୍ଜାମ |
|---|---|
| **ସମୁଦାୟ ଶ୍ରମିକ / କର୍ମୀ** | ୩୮୬୧୧ |
| **ମୁଖ୍ୟ ଶ୍ରମିକ / କର୍ମୀ** | ୨୧୦୧୬ |
| **ଶ୍ରମିକ / କର୍ମୀ (%)** | ୫୪.୪ |

ଉତ୍ସ : ଜିଲ୍ଲା ଜନଗଣନା କ୍ଷୁଦ୍ରବହି :ଗଞ୍ଜାମ ୨୦୧୧

## ୨.୩ ପ୍ରକଳ୍ପ ଗ୍ରାମଗୁଡିକ

ଏହି ପ୍ରସ୍ତାବିତ ପ୍ରକଳ୍ପଟି ଛତ୍ରପୁର ତହସିଲର ବାସନାପୁଟି ଏବଂ ବଡପୁଟି ଗ୍ରାମକୁ ତଥା ଛତ୍ରପୁର ଏବଂ କାଲିପାଲି ଗ୍ରାମପଞ୍ଚାୟତରେ ଅବସ୍ଥିତ ଅଟେ । ଛତ୍ରପୁର ବ୍ଲକର ପ୍ରଭାବିତ ଗ୍ରାମଗୁଡିକର ଜନସଂଖ୍ୟାର ବିବରଣୀ ନିମ୍ନରେ ଦିଆଯାଅଛି:

ବାସନାପୁଟି ଗ୍ରାମ: ଏହି ଗ୍ରାମରେ ୧୨୮ଟି ପରିବାର ଅଛି ଯେଉଁଥିରେ ୫୨୮ ଜନସଂଖ୍ୟା ବସବାସ କରନ୍ତି, ସେମାନଙ୍କ ମଧ୍ୟରୁ ପୁରୁଷ ଜନସଂଖ୍ୟା ୨୩୮ ଏବଂ ମହିଳା ଜନସଂଖ୍ୟା ୨୯୦ । ଏହି ଗାଁର ମୋଟ ଅନୁସୂଚିତ ଜାତିର ଜନସଂଖ୍ୟା ୪୭ ଏବଂ ଏଠାରେ କୌଣସି ଅନୁସୂଚିତ ଜନଜାତିର ପରିବାର ନାହାନ୍ତି । ସମୁଦାୟ ଜନସଂଖ୍ୟା ମଧ୍ୟରୁ ୬୫.୦୪% ସାକ୍ଷର ଏବଂ ୪୩.୮% ଶ୍ରମିକ ବା କର୍ମଜୀବି ଏହା (ସାରଣୀ-୨.୩) ରେ ବର୍ଣନା କରାଯାଇଛି ।

ବଡପୁଟି ଗ୍ରାମ : ଏହି ଗ୍ରାମରେ ୪୯୪ଟି ପରିବାର ଅଛି ଯେଉଁଥିରେ ୧୯୮୭ ଜନସଂଖ୍ୟା ବସବାସ କରନ୍ତି, ସେମାନଙ୍କ ମଧ୍ୟରୁ ପୁରୁଷ ଜନସଂଖ୍ୟା ୯୪୮ ଏବଂ ମହିଳା ଜନସଂଖ୍ୟା ୧୦୩୯. ଏହି ଗାଁର ମୋଟ ଅନୁସୂଚିତ ଜାତିର ଜନସଂଖ୍ୟା ୬୭ ଏବଂ ଏଠାରେ କୌଣସି ଅନୁସୂଚିତ ଜନଜାତିର ପରିବାର ନାହାନ୍ତି । ସମୁଦାୟ ଜନସଂଖ୍ୟା ମଧ୍ୟରୁ ୬୨.୮୬% ସାକ୍ଷର ଏବଂ ୩୫.୨% ଶ୍ରମିକ ବା କର୍ମଜୀବି ଏହା (ସାରଣୀ-୨.୩) ରେ ବର୍ଣନା କରାଯାଇଛି ।

**ସାରଣୀ ୨.୩ ପ୍ରଭାବିତ ଗ୍ରାମର ଜନସଂଖ୍ୟା ଭିତ୍ତିକ ବିବରଣୀ** *(ଜନଗଣନା ୨୦୧୧)*

| ବିବରଣୀ | ଛତ୍ରପୁର ତହସିଲ | |
|---|---|---|
| | **ବାସନପୁଟି ଗ୍ରାମ** | **ବଡପୁଟି ଗ୍ରାମ** |
| **ପରିବାର ସଂଖ୍ୟା** | ୧୨୮ | ୪୯୪ |
| **ସମୁଦାୟ ଜନସଂଖ୍ୟା** | ୫୨୮ | ୧୯୮୭ |
| **ସମୁଦାୟ ପୁରୁଷ ଜନସଂଖ୍ୟା** | ୨୩୮ | ୯୪୮ |
| **ସମୁଦାୟ ମହିଳା ଜନସଂଖ୍ୟା** | ୨୯୦ | ୧୦୩୯ |
| **୦-୬ ବର୍ଷ ପର୍ଯ୍ୟନ୍ତ ଜନସଂଖ୍ୟା** | ୫୬ | ୨୦୨ |
| **ସମୁଦାୟ ଅନୁସୂଚିତ ଜାତିଙ୍କ ସଂଖ୍ୟା** | ୪୭ | ୬୭ |
| **ଅନୁସୂଚିତ ଜନଜାତିଙ୍କ ସଂଖ୍ୟା** | ୦ | ୦ |
| **ସାକ୍ଷରତା ହାର (%)** | ୬୫.୦୪ | ୬୨.୮୬ |
| **ସମୁଦାୟ ଶ୍ରମିକ / କର୍ମୀ** | ୨୦୭ (୪୩.୮%) | ୬୨୮ (୩୫.୨%) |

ଉତ୍ସ : ଜନଗଣନା ୨୦୧୧

## ୨.୪ ସାମାଜିକ-ସାଂସ୍କୃତିକ ଏବଂ ସାଧାରଣ ସମ୍ପତ୍ତି / ସମ୍ବଳର ସ୍ଥିତି

ଗ୍ରାମର ମୌଳିକ ତଥା ସୁବିଧା, ଭିତ୍ତିଭୂମି ଓ ସମ୍ବଳ ତଥା ଜୀବିକା, ଜମି, ବାସଗୃହ, ପାନୀୟ ଜଳ, ପରିମଳ, ଶିକ୍ଷା ଇତ୍ୟାଦି ଜାଣିବା ପାଇଁ ଏକ ପୂର୍ବ ପ୍ରସ୍ତୁତ ଫର୍ମ ଦ୍ଵାରା ସର୍ବେକ୍ଷଣ କରଯାଇଥିଲା । ଏହି ସର୍ବେକ୍ଷଣର ଉଦ୍ଦେଶ୍ୟ ହେଉଛି ଏହି ମୌଳିକ ପୁନଃଏକୀକରଣ ସହାୟତାର ଏହାର ଭିତ୍ତିଭୂମିକୁ ଦୃଢ଼ୀଭୂତ କରିବା । ଉକ୍ତ ସର୍ବେକ୍ଷଣରୁ ମିଳିଥିବା ତଥ୍ୟକୁ ବିଶ୍ଳେଷଣ କରି ସଂକ୍ଷିପ୍ତରେ ବର୍ଣ୍ଣନା କରାଯାଇଛି ।

ସର୍ବେକ୍ଷଣ କରାଯାଇଥିବା ପରିବାରଗୁଡିକର ଜୀବିକା ହେଉଛି ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଛି । ରୋଗ, ପ୍ରାକୃତିକ ବିପର୍ଯ୍ୟୟ, ବଜାରର ଉପଲବ୍ଧତା, ଏବଂ ସଠିକ ନିବେଶର ଅଭାବ, ସଠିକ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧିପାଇଁ ଗ୍ରାମଗୁଡିକରେ ମୁଖ୍ୟ ପ୍ରତିବନ୍ଧକ ଅଟେ । ସ୍ୱାସ୍ଥ୍ୟ ସେବାରେ ସୀମିତ ସୁବିଧା ଓ ମିଳୁଥିବା ସୁବିଧାଗୁଡ଼ିକର ନିମ୍ନତା ଅସନ୍ତୋଷର ମୁଖ୍ୟ କାରଣ । ସ୍ଥାନୀୟ ଲୋକମାନେ ଭିତ୍ତିଭୂମି ସୁବିଧା ସୁଦୃଢ଼ କରିବାକୁ ସର୍ବେକ୍ଷଣ ସମୟରେ ଆଶା ପୋଷଣ କରନ୍ତି । ଗ୍ରାମ ଗୁଡିକର ଭିତ୍ତିଭୂମି ଏବଂ ସେବା ସୁବିଧା ସାରଣୀ ୨.୪ ଏବଂ ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି ସାରଣୀ ୨.୫ରେ ବର୍ଣ୍ଣନା କରାଯାଇଛି ।

**ସାରଣୀ ୨.୪ : ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଥିବା ସାଧାରଣ ସମ୍ପତ୍ତି (ନଂ)**

| ସମ୍ପତ୍ତି | ନମ୍ବର | | ସମ୍ପତ୍ତି | ନମ୍ବର | |
|---|---|---|---|---|---|
| | ବାସନପୁଟି ଗ୍ରାମ | ବଡପୁଟି ଗ୍ରାମ | | ବାସନପୁଟି ଗ୍ରାମ | ବଡପୁଟି ଗ୍ରାମ |
| କଚା ରାସ୍ତା | ୦ | ୦ | ଅଙ୍ଗନବାଡି କେନ୍ଦ୍ର | ୧ | ୨ |
| ପକ୍କାରସ୍ତା | ୨ | ୩ | କୋଠ ଘର | ୧ | ୦ |
| କୂପ | ୦ | ୦ | ଡାକଘର | ୧ | ୦ |
| ନଳକୂପ | ୩ | ୩୦ | ପ୍ରାଥମିକ ବିଦ୍ୟାଳୟ | ୧ | ୧ |
| ହସତଚାଳିତ ପମ୍ପ | ୦ | ୦ | ମାଧମିକ ବିଦ୍ୟାଳୟ | ୦ | ୦ |
| ପାଇପଜଳ ଯୋଗାଣ | ୧୦୦ | ୩୦୦ | ଉଚ୍ଚ ବିଦ୍ୟାଳୟ | ୦ | ୦ |
| ମଶାଣି | ୧ | ୨ | | | |
| ଭଗବତ ଟୁଙ୍ଗି | ୦ | ୦ | | | |

ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧

**ସାରଣୀ ୨.୫ : ପ୍ରକଳ୍ପ ପ୍ରଭାବିତ ଗ୍ରାମରେ ଥିବା ସାମାଜିକ ଓ ସାଂସ୍କୃତିକ ସମ୍ପତ୍ତି (ନଂ)**

| ସମ୍ପତ୍ତି | ନମ୍ବର | | ସମ୍ପତ୍ତି | ନମ୍ବର | |
|---|---|---|---|---|---|
| | ବାସନପୁଟି ଗ୍ରାମ | ବଡପୁଟି ଗ୍ରାମ | | ବାସନପୁଟି ଗ୍ରାମ | ବଡପୁଟି ଗ୍ରାମ |
| ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ | ୦ | ୦ | ମନ୍ଦିର | ୧ | ୦ |
| ଭଜନ ମଣ୍ଡଳ | ୧ | ୦ | ସ୍ୱୟଂ ସହାୟକ ଦଳ | ୪ | ୯ |
| ଯାତ୍ରା ପଡିଆ | ୧ | ୦ | ଯୁବକ ସଂଘ | ୦ | ୧ |

ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧

ସର୍ବେକ୍ଷଣ ରୁ ବାସନପୁଟି ଗ୍ରାମର ୨ଟି ରାସ୍ତା ପକ୍କା ଏବଂ ବଡପୁଟି ଗ୍ରାମର ୩ଟି ରାସ୍ତା ପକ୍କା ବୋଲି ଜଣାପଡିଛି । ଗ୍ରାମରେ କୌଣସି କୂଅ ଖୋଳାଯାଇ ନାହିଁ ଏବଂ ହ୍ୟାଣ୍ଡ ପମ୍ପ ନାହିଁ । ବାସନପୁଟି ଗ୍ରାମରେ ୩ଟି ନଳକୂପ ଏବଂ ୧୦୦ଟି

ପାଇପ୍ ଜଳଯୋଗାଣ ପଏଣ୍ଟ ଉପଲବ୍ଧ ଥିବାବେଳେ ବଡପୁଟି ଗ୍ରାମରେ ୩୦ଟି ନଳକୂପ ଏବଂ ୩୦୦ଟି ପାଇପ୍ ଜଳଯୋଗାଣ ପଏଣ୍ଟ ରହିଛି ।

ଉଭୟ ପ୍ରଭାବିତ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, କମ୍ୟୁନିଟି ହଲ୍, ଶବଦାହ ସ୍ଥାନ ଇତ୍ୟାଦି ଗ୍ରାମ ଭିତ୍ତିଭୂମି ଉପଲବ୍ଧ । କେବଳ ବାସନପୁଟି ଗ୍ରାମରେ ଡାକଘର ଉପଲବ୍ଧ | ସାମାଜିକ-ସାଂସ୍କୃତିକ ଭିତ୍ତିଭୂମି, ତଥା ମନ୍ଦିର, ଯୁବକ ସଂଘ ଏବଂ ସ୍ୱୟଂ ସହାୟକ ଦଳ ଉଭୟ ଗ୍ରାମରେ ଅବସ୍ଥିତ ।

# ପ୍ରଭାବିତ ପରିବାର ଗୁଡିକର ସାମାଜିକ ଓ ଅର୍ଥନୈତିକ ସ୍ଥିତି

ଓଡିଶା ସରକାରଙ୍କର ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ,୨୦୧୭ ଅନୁସାରେ କ୍ଷତିଗ୍ରସ୍ତ ପରିବାରର ସାମାଜିକ-ଅର୍ଥନୈତିକ ସ୍ଥିତିର ଅଧ୍ୟୟନ ବାଧ୍ୟତାମୂଳକ ଅଟେ । ଏହି ଅଧ୍ୟାୟଟି, ପ୍ରଭାବିତ ପରିବାରଗୁଡିକର ମୌଳିକ ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଇତ୍ୟାଦି ଯାହା ଭାଗ - ୧ରେ ପ୍ରତିଫଳିତ ହୋଇଛି | ଜମି ଅଧିଗ୍ରହଣ ଏବଂ ମୂଲ୍ୟାଙ୍କନକୁ ଭାଗ-୨ରେ ବର୍ଣ୍ଣନା କରାଯାଇଛି | ଏହି ଉଦ୍ଦେଶ୍ୟ ପାଇଁ, ୨୨ଟି ପ୍ରଭାବିତ ପରିବାର ଉପରେ ସର୍ଭେ କରାଯାଇଥିଲା । ଏହା ବ୍ୟତୀତ ପ୍ରଭାବିତ ଗ୍ରାମଗୁଡିକ ମଧ୍ୟରୁ ୨୦ଟି ଅଣ-ପ୍ରଭାବିତ ପରିବାରର ସର୍ବେକ୍ଷଣ କରିଯାଇଥିଲା । ସମୁଦାୟ ୪୨ଟି ପରିବାରର ସର୍ବେକ୍ଷଣ କରାଯାଇଥିଲା |

## ଭାଗ-୧ : ସାମାଜିକ-ଅର୍ଥନୈତିକ ବିବରଣୀ

### ୩.କ. ସାମାଜିକ-ଅର୍ଥନୈତିକ ବିବରଣୀ

### ୩.୧. ପ୍ରଭାବିତ ବ୍ୟକ୍ତିଙ୍କର ଲିଙ୍ଗଗତ ବିବରଣୀ :

ଏହି ସର୍ବେକ୍ଷଣ ୨ଟି ପ୍ରଭାବିତ ଗ୍ରାମ ଯଥା ବାସନପୁଟି ଗ୍ରାମ ଓ ବଡପୁଟି ଗ୍ରାମ ରେ କରଯାଇଥିଲା । ଏହି ସର୍ବେକ୍ଷଣରେ ବାସନପୁଟି ଗ୍ରାମର ୧୬ଟି ପରିବାର ଓ ବଡପୁଟି ଗ୍ରାମର ୬ ପରିବାର ସର୍ବମୋଟ ୨୨ଟି ପ୍ରଭାବିତ ପରିବାରଙ୍କୁ ସାମିଲ କରାଯାଇଥିଲା । ଏହି ସର୍ବେକ୍ଷଣରୁ ଜଣାପଡିଥିଲା ବାସନପୁଟି ଗ୍ରାମର ୬୨.୫% ପରିବାର ଓ ବଡପୁଟି ଗ୍ରାମର ୬୬.୬୭% ପରିବାର ପୁରୁଷ ମୁଖ୍ୟ ପରିବାର ଅଟନ୍ତି । ଏହାର ବର୍ଣନା ସାରଣୀ ୩.୧ରେ କରାଯାଇଛି ।

**ସାରଣୀ ୩.୧ ଗ୍ରାମଗୁଡିକର ଲିଙ୍ଗଗତ ବିବରଣୀ**

| କ୍ର.ନ. | ଗ୍ରାମ | ପୁରୁଷ | ମହିଳା | ସମୁଦାୟ |
|---|---|---|---|---|
| ୧ | ବାସନପୁଟି | ୧୦ | ୬ | ୧୬ |
| | | ୬୨.୫୦ | ୩୭.୫୦ | ୧୦୦.୦୦ |
| ୨ | ବଡପୁଟି | ୪ | ୨ | ୬ |
| | | ୬୬.୬୭ | ୩୩.୩୩୩ | ୧୦୦.୦୦ |
| | ସମୁଦାୟ | ୧୪ | ୮ | ୨୨ |
| | | ୬୩.୬୪ | ୩୬.୩୬ | ୧୦୦.୦୦ |

**ସୂତ୍ରକ୍ଷେତ୍ର ସର୍ବେକ୍ଷଣ -୨୦୨୧**
**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

**ସାରଣୀ ୩.୨ ଗ୍ରାମଗୁଡିକର କ୍ଷତିଗ୍ରସ୍ତ ପରିବାରର ଲିଙ୍ଗଗତ ବିବରଣୀ**

| କ୍ର.ନ. | ଗ୍ରାମ | ପୁରୁଷ | ମହିଳା | ସମୁଦାୟ | ଲିଙ୍ଗ ଅନୁପାତ |
|---|---|---|---|---|---|
| ୧ | ବାସନପୁଟି | ୫୫ | ୪୦ | ୯୫ | ୭୨୭ |
| | | ୫୭.୮୯ | ୪୧.୧୧ | ୧୦୦.୦୦ | |
| ୨ | ବଡପୁଟି | ୧୮ | ୧୭ | ୩୫ | ୯୪୪ |
| | | ୫୧.୪୩ | ୪୮.୫୭ | ୧୦୦.୦୦ | |
| | ସମୁଦାୟ | ୭୩ | ୫୭ | ୧୩୦ | ୭୮୧ |
| | | ୫୬.୧୫ | ୪୩.୮୫ | ୧୦୦.୦୦ | |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧ ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

ଏହି ସର୍ବେକ୍ଷଣ (ସାରଣୀ ୩.୨.) ରୁ ଆହୁରି ମଧ ଜଣାପଡିଥିଲା ଯେ ସମୁଦାୟ ୧୩୦ ପ୍ରଭାବିତ ଲୋକଙ୍କ ମଧ୍ୟରୁ ୫୬.୧୫% ପୁରୁଷ ଓ ୪୩.୮୫% ମହିଳା ଅଟନ୍ତି । ଉକ୍ତ ଗ୍ରାମଗୁଡ଼ିକର ଲିଙ୍ଗଗତ ଅନୁପାତ ହେଉଛି ୭୮୧ ଯାହାକି ରାଜ୍ୟର ଅନୁମାନିକ ଅନୁପାତ ତୁଳନାର କମ୍ ଅଟେ । ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ୯୭୯ମହିଳାଙ୍କ ସଂଖ୍ୟା ପ୍ରତି ୧୦୦୦ ପୁରୁଷଙ୍କ ଅନୁପାତରେ । ଗ୍ରାମଗୁଡିକର ଲିଙ୍ଗଗତ ଅଧ୍ୟୟନରୁ ଜଣାପଡିଲା ବଡପୁଟି ଗ୍ରାମର ମହିଳାଙ୍କ ଅନୁପାତ ଅଧିକ (୪୮.୫୭%) ଓ ବାସନପୁଟି ଗ୍ରାମର ମହିଳାଙ୍କ ଅନୁପାତ ମାତ୍ର ୪୨.୧୧% ଅଟେ ।

## ୩.୨ ପ୍ରକଳ୍ପ ପ୍ରଭାବିତ ବିଭନ୍ନ ବର୍ଗର ପରିବାରର ବିବରଣୀ

ସମୁଦାୟ ସର୍ବେକ୍ଷଣ ହୋଇଥବା ପରିବାର ମଧ୍ୟରୁ ୫୦% ହେଉଛନ୍ତି ସାଧାରଣ ବର୍ଗର ଓ ୫୦% ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗର । ଏହି ପ୍ରଭାବିତ ଗ୍ରାମ ଗୁଡିକରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାର ନାହାନ୍ତି । ବଡପୁଟି ଗ୍ରାମର ୬୬.୬୭% ହେଉଛନ୍ତି ସାଧାରଣ ବର୍ଗର ଓ ବାସନପୁଟି ଗ୍ରାମର ୫୬% ହେଉଛନ୍ତି ଅନ୍ୟାନ୍ୟ ପଛୁଆ ବର୍ଗର ପରିବାର । ଏହାର ବର୍ଣନା ସାରଣୀ ୩.୩ ରେ କରାଯାଇଛି ।

**ସାରଣୀ ୩.୩. ପ୍ରକଳ୍ପ ପ୍ରଭାବିତ ବିଭନ୍ନ ବର୍ଗର ପରିବାର**

| କ୍ର.ନ. | ଗ୍ରାମ | ଅନୁସୂଚିତ ଜାତି | ଅନୁସୂଚିତ ଜନଜାତି | ଅନ୍ୟାନ୍ୟ ପଛୁଆବର୍ଗ | ସାଧାରଣ | ସମୁଦାୟ |
|---|---|---|---|---|---|---|
| ୧ | ବାସନପୁଟି | ୦ | ୦ | ୯ | ୭ | ୧୬ |
| | | ୦.୦୦ | ୦.୦୦ | ୫୬ | ୪୪ | ୧୦୦.୦୦ |
| ୨ | ବଡପୁଟି | ୦ | ୦ | ୨ | ୪ | ୬ |
| | | ୦.୦୦ | ୦.୦୦ | ୩୩.୩୩ | ୬୬.୬୭ | ୧୦୦.୦୦ |
| | ସମୁଦାୟ | ୦ | ୦ | ୧୧ | ୧୧ | ୨୨ |
| | | ୦.୦୦ | ୦.୦୦ | ୫୦ | ୫୦ | ୧୦୦.୦୦ |

**ସୂତ୍ର *:* କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

**ଚିତ୍ର ୩.୧. ବିଭନ୍ନ ବର୍ଗର ପରିବାରର ବିବରଣୀ**



## ୩.୩ ଅସୁବିଧାଗ୍ରସ୍ତ ପରିବାରରର ବିବରଣୀ

ଉକ୍ତ ଅଧ୍ୟୟନରେ ପ୍ରଭାବିତ ଗ୍ରାମରେ, ପ୍ରଭାବିତ ପରିବାରଗୁଡିକ ମଧ୍ୟରୁ ଅସୁବିଧାଗ୍ରସ୍ତ ପରିବାରର ସର୍ବେକ୍ଷଣ କରଜିଥିଲା । ଅସୁବିଧାଗ୍ରସ୍ତ ପରିବାରଗୁଡିକ ହେଉଛି ମହିଳା ମୁଖ୍ୟ ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ପରିବାର, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର । ସମୁଦାୟ ୨୨ଟି ପରିବାର ମଧ୍ୟରୁ ୮ଟି (୩୬.୩୬%) ପରିବାର ହେଉଛନ୍ତି ମହିଳା ମୁଖ୍ୟ ପରିବାର ଓ ୧୩ଟି (୫୯% ) ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏହାର ବର୍ଣନା ସାରଣୀ ୩.୪ ରେ କରାଯାଇଛି ।

**ସାରଣୀ ୩.୪. ପ୍ରକଳ୍ପ ପ୍ରଭାବିତ ଅସୁବିଧାଗ୍ରସ୍ତ ପରିବାରରର ବିବରଣୀ**

| କ୍ର.ନ. | ଗ୍ରାମ | ମହିଳା ମୁଖ୍ୟ ପରିବାର | ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ପରିବାର | ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର | ସମୁଦାୟ ପରିବାର |
|---|---|---|---|---|---|
| ୧ | ବାସନପୁଟି | ୬ | ୦ | ୧୧ | ୧୬ |
| | | ୩୭.୫୦ | ୦.୦୦ | ୬୮.୭୫ | ୧୦୦.୦୦ |
| ୨ | ବଡପୁଟି | ୨ | ୦ | ୨ | ୬ |
| | | ୩୩.୩୩ | ୦.୦୦ | ୩୩.୩୩ | ୧୦୦.୦୦ |
| | ସମୁଦାୟ | ୮ | ୦ | ୧୩ | ୨୨ |
| | | ୩୬.୩୬ | ୦.୦୦ | ୫୯.୦୯ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

## ୩.୪ ବୟସାନୁଭିତ୍ତିକ ତଥ୍ୟ

ପ୍ରଭାବିତ ବ୍ୟକ୍ତିଙ୍କ ବୟସ ୪ଟି ଭାଗରେ ବିଭକ୍ତ କରାଯାଇଛି । ଏହାହେଲା ୧୮ବର୍ଷରୁ ନିମ୍ନ, ୧୮-୪୫ ବର୍ଷ ମଧ୍ୟରେ, ୪୫-୬୦ ବର୍ଷ ମଧ୍ୟରେ ଓ ୬୦ ବର୍ଷ ଓ ତଦୁର୍ଦ୍ଧ । ଏହି ଅଧ୍ୟୟନରୁ ଆହା ଆକଳନ କରଯାଇଥିଲା ଗ୍ରାମଗୁଡିକରେ ୦-୧୮ ବର୍ଷ ମଧ୍ୟରେ ୧୯.୨୩%, ୧୮-୪୫ ବର୍ଷ ମଧ୍ୟରେ ୩୮.୪୬% ଏବଂ ସର୍ବାଧିକ ୭୫% ହେଉଛନ୍ତି ୪୫ ରୁ ୬୦ ବର୍ଷ ମଧ୍ୟରେ, ଏହାର ବର୍ଣନା ସାରଣୀ ୩.୫ ଓ ୩.୫.୧ ରେ କରାଯାଇଛି ।

**ଚିତ୍ର ୩.୨. ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତି ମାନଙ୍କର ବୟସାନୁଭିତ୍ତିକ ତଥ୍ୟ**



ଅଧ୍ୟୟନରୁ ଜଣାପଡିଲା ୧୮-୬୦ ବର୍ଷର ଲୋକମାନେ ହେଉଛନ୍ତି ଅର୍ଥନୈତିକ ଉତ୍ପାଦନକ୍ଷମ ପାଇଁ ଯୋଗ୍ୟ ଏବଂ ଉକ୍ତ ପ୍ରକଳ୍ପର ନିର୍ମାଣ ସମୟରେ ସେମାନ ଯୋଗଦାନ କରିପାରିବେ । ୫୦% ରୁ ଅଧିକ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ଓ ୨୦%ରୁ ଉର୍ଦ୍ଧ୍ୱ ଅଣ ପ୍ରଭାବିତ ବ୍ୟକ୍ତି ୧୮-୬୦ ବର୍ଷର ଅଟନ୍ତି ଓ ସେମାନେ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ସକ୍ଷମ (ଚିତ୍ର ୩.୨) । ଏହା ଆହୁରିମଧ ଜଣାପଡିଲାଯେ ୬୦ କିମ୍ବା ତଦୁର୍ଦ୍ଧ ବ୍ୟକ୍ତି ହେଉଛନ୍ତି ୧୬.୫% ଯାହାକି ରାଜ୍ୟ ତୁଳନାରେ ବହୁତ ଅଧିକ। ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ସର୍ବମୋଟ ୯.୩% ବ୍ୟକ୍ତି ୬୦ କିମ୍ବା ତଦୁର୍ଦ୍ଧ ଅଟନ୍ତି । ରାଜ୍ୟର ଲୋକମାନଙ୍କ ତୁଳନାରେ ପ୍ରକଳ୍ପ ପ୍ରଭାବିତ ପରିବାରଗୁଡିକର ଚଳଣି ବହୁତ ଭଲ ।

### ୩.୫ ସାକ୍ଷରତା ସ୍ତର

ଶିକ୍ଷା ହେଉଛି ମାନବପୁଞ୍ଜିର ଗୁଣର ଏକ ସୂଚକ ଏବଂ ଏହା ବିକାଶର ସ୍ଥିତିକୁ ସୂଚିତ କରେ । ପ୍ରଭାବିତ ଜନସଂଖ୍ୟାର ସାକ୍ଷରତା ସ୍ତର ଏକ ଉଚ୍ଚ ସ୍ତରରେ, ଅର୍ଥାତ୍ ୯୬,୬% ଥିବାବେଳେ ଅଣ-ପ୍ରଭାବିତ ଜନସଂଖ୍ୟା ମଧ୍ୟରେ ସାକ୍ଷରତା ସ୍ତର ୮୫% ଦର୍ଶାଏ ଏବଂ ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ହାରାହାରି ୭୩.୫% ସାକ୍ଷର (ସାରଣୀ-୬ ଏବଂ ଚିତ୍ର ଦେଖନ୍ତୁ ୩.୩ ଏବଂ ପରିଶିଷ୍ଟରେ ୩.୬.୧) ବର୍ଣ୍ଣନା ହୋଇଛି । ଏହା ସୂଚିତ କରେ ଯେ ଅଧିକାଂଶ ପ୍ରଭାବିତ ଏବଂ ଅଣ-ପ୍ରଭାବିତ ପରିବାର ସେମାନଙ୍କର ସାମାଜିକ-ଅର୍ଥନୈତିକ ଜୀବିକା ଉପରେ ପ୍ରଭାବ ପକାଉଥିବା ବିଷୟ ଉପରେ ଯୋଗ୍ୟ ନିଷ୍ପତ୍ତି ନେଇପାରନ୍ତି । ସର୍ବେକ୍ଷଣରୁ ଏହା ଜଣାପଡିଛି ଯେ ପ୍ରଭାବିତ ଗ୍ରାମଗୁଡିକର ସାକ୍ଷରମାନଙ୍କ ମଧ୍ୟରେ ପ୍ରଭାବିତ ଜନସଂଖ୍ୟାର ଶିକ୍ଷାର ସ୍ତର ଅର୍ଥାତ୍ ସେମାନଙ୍କ ମଧ୍ୟରୁ ପ୍ରାୟ ୨୬% ଲୋକ ଉଚ୍ଚ ବିଦ୍ୟାଳୟ ସ୍ତରରୁ କମ୍ ପାଠ ପଢିଛନ୍ତି।

ଅବଶ୍ୟ, ପ୍ରଭାବିତ ଜନସଂଖ୍ୟାର ଅବଶିଷ୍ଟ ୭୪%, ୧୦ ବର୍ଷରୁ ଅଧିକ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ପ୍ରାୟ ୧୭% ମାଟ୍ରିକ୍, ୧୧.୨% (+୨) ଏବଂ ୧୨% ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ପ୍ରଭାବିତ ବ୍ୟକ୍ତିଙ୍କ ମଧ୍ୟରେ ୧୩.୬% ସ୍ନାତକୋତ୍ତର ହୋଇଥିବା ଜଣାପଡିଛି କିନ୍ତୁ ଅଣ ପ୍ରଭାବିତ ଜନସଂଖ୍ୟା ମଧ୍ୟରେ କୌଣସି ବ୍ୟକ୍ତି ପୋଷ୍ଟ ଗ୍ରାଜୁଏଟ୍ କିମ୍ବା ବୃତ୍ତିଗତ ଯୋଗ୍ୟ ବ୍ୟକ୍ତି ହୋଇ ନାହାଁନ୍ତି (ସାରଣୀ -୩.୭ ଏବଂ ସାରଣୀ -୩.୭.୧ ଦେଖନ୍ତୁ) ।

**ସାରଣୀ ୩.୬ ପ୍ରଭାବିତ ବ୍ୟକ୍ତିଙ୍କ ସାକ୍ଷରତା ସ୍ତର**

| କ୍ର.ନ. | ଗ୍ରାମ | Sex | ସାକ୍ଷର | ନିରକ୍ଷର | ସମୁଦାୟ |
|---|---|---|---|---|---|
| ୧ | ବାସନପୁଟି | ପୁରୁଷ | ୫୦ | ୨ | ୫୨ |
| | | | ୯୬.୧୫ | ୩.୮୫ | ୧୦୦.୦୦ |
| | | ମହିଳା | ୩୭ | ୧ | ୩୮ |
| | | | ୯୭.୩୭ | ୨.୬୩ | ୧୦୦.୦୦ |
| | | ସମୁଦାୟ | ୮୭ | ୩ | ୯୦ |
| | | | ୯୬.୬୭ | ୩.୩୩ | ୧୦୦.୦୦ |
| ୨ | ବଡପୁଟି | ପୁରୁଷ | ୧୮ | ୦ | ୧୮ |
| | | | ୧୦୦ | ୦ | ୧୦୦.୦୦ |
| | | ମହିଳା | ୧୭ | ୦ | ୧୭ |
| | | | ୧୦୦ | ୦ | ୧୦୦.୦୦ |
| | | ସମୁଦାୟ | ୩୫ | ୦ | ୩୫ |
| | | | ୧୦୦ | ୦ | ୧୦୦.୦୦ |
| | ସମୁଦାୟ | ପୁରୁଷ | ୬୮ | ୨ | ୭୦ |
| | | | ୯୭.୧୪ | ୨.୮୬ | ୧୦୦.୦୦ |
| | | ମହିଳା | ୫୪ | ୧ | ୫୫ |
| | | | ୯୮.୧୮ | ୧.୮୨ | ୧୦୦.୦୦ |
| | | ସମୁଦାୟ | ୧୨୨ | ୩ | ୧୨୫ |

| କ୍ର.ନ. | ଗ୍ରାମ | Sex | ସାକ୍ଷର | ନିରକ୍ଷର | ସମୁଦାୟ |
|---|---|---|---|---|---|
| | | | ୯୭.୬୦ | ୨.୪୦ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

ତେଣୁ, ଏକ ବିପଦ ରହିଛି ଯେ ପ୍ରଭାବିତ ଗ୍ରାମଗୁଡିକରେ କିଛି ପରିବାରର ଜମି ନଷ୍ଟ ହେଲେ ସେହି ପ୍ରଭାବିତ ପରିବାରଗୁଡିକ ପାଇଁ ସଂଗଠିତ କ୍ଷେତ୍ର ବୃତ୍ତିରେ ଚାକିରୀ ରଖିବା ପାଇଁ ବହୁତ କମ୍ ସୁବିଧା ଅଛି ।

### ଚିତ୍ର ୩.୩. ପ୍ରଭାବିତ ଓ ଅଣପ୍ରଭାବିତ ବ୍ୟକ୍ତିଙ୍କ ଶିକ୍ଷାଗତ ସ୍ଥିତି




## ୩.୬ ବୃତ୍ତି, ଆୟ ଏବଂ ରୋଜଗାର

ବୃତ୍ତିଗତ ଢାଞ୍ଚା ଅର୍ଥନୀତିର ବିକାଶର ଏକ ପ୍ରମୁଖ ସୂଚକ । ଏହା ରୋଜଗାରର ସ୍ଥିତି, ରୋଜଗାରର ପ୍ରକୃତି ଏବଂ ଅର୍ଥନୈତିକ ସ୍ଥିତି ଏବଂ ବ୍ୟକ୍ତିବିଶେଷଙ୍କ ଜୀବନଧାରଣ ମାନ ନିର୍ଣ୍ଣୟ କରେ । ଯୋଜନାକାରୀଙ୍କ ପାଇଁ କ୍ଷେତ୍ର-ଜ୍ଞାନ ବିକାଶ ପାଇଁ ରଣନୀତି ପ୍ରସ୍ତୁତ କରିବା ମଧ୍ୟ ଏହା ସହାୟକ ହୁଏ । ବର୍ତ୍ତମାନର ଅଧ୍ୟୟନ ପ୍ରଭାବିତ ଗ୍ରାମଗୁଡିକର ଲୋକମାନଙ୍କର ବୃତ୍ତିଗତ ଢାଞ୍ଚା ଖୋଜିବାକୁ ଚେଷ୍ଟା କରାଯାଇଥିଲା । ଜଣାପଡିଥିଲା ସମୁଦାୟ ପ୍ରଭାବିତ ଜନସଂଖ୍ୟା ମଧ୍ୟରୁ ୧୬% ଦୈନିକ ମଜୁରୀ ପାଉଥିବା ବ୍ୟକ୍ତି, ୧୬.୮% କୃଷକ, ୧.୬% କୃଷି ଶ୍ରମିକ ଏବଂ ୫୪.୪% ବିଭିନ୍ନ ସେବାରେ ନିୟୋଜିତ ଥିବା ଜଣାପଡିଛି । (ପରିଶିଷ୍ଟରେ ସାରଣୀ – ୩.୮ ଦେଖନ୍ତୁ) | ଯେହେତୁ ପ୍ରାୟ ୧୮% କର୍ମଜୀବୀ କୃଷକ ଏବଂ କୃଷି ଶ୍ରମିକ, ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜମି ପ୍ରଭାବିତ ପରିବାରର ଜୀବିକା ସୁରକ୍ଷା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ ନାହିଁ (ଚିତ୍ର ୩.୪) ।

### ଚିତ୍ର ୩.୪. ପରିବାର ମାନଙ୍କର ଆୟର ପନ୍ଥା



ଯଦିଓ ଆୟ ପ୍ରଭାବିତ ପରିବାର ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ ଅଧ୍ୟୟନରୁ ଜଣାପଡିଲା ପ୍ରାୟ ୭୦% ପରିବାର ପ୍ରଭାବିତ ପରିବାରଙ୍କ ବାର୍ଷିକ ଆୟ ୭୦,୦୦୦/- ରୁ କେମ୍ ଏବଂ ପ୍ରଭାବିତ ପରିବାର ମଧ୍ୟରେ ୮୫% ବ୍ୟକ୍ତି ରୋଜଗାର କରନ୍ତି (ସାରଣୀ ୩.୯ ଏବଂ ୩.୯.୧ ଦେଖନ୍ତୁ) ।

ସି. ରଙ୍ଗରାଜନ୍ କମିଟି ରିପୋର୍ଟ ଅନୁଯାୟୀ, ଗୋଟିଏ ପରିବାରର ବାର୍ଷିକ ଖର୍ଚ୍ଚ ଯଦି ୫୮,୩୨୦ ଟଙ୍କାରୁ କମ ହୁଏ ତାହାକୁ ବା ସେହି ପରିବାରକୁ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ବା ପରିବାର ଭାବରେ ବିବେଚନା କରାଯାଇପାରେ । ହାରାହାରି ବାର୍ଷିକ ପାରିବାରିକ ବ୍ୟୟକୁ ୫୮,୩୨୦ ଟଙ୍କା ଏବଂ ଆୟ ସ୍ତର ସହିତ ସମାନତାକୁ ବିଚାରକୁ ନେଇ, ଏକ ପରିବାରର ହାରାହାରି ବାର୍ଷିକ ୫୮୩୨୦ ଟଙ୍କା ସୀମା ଧାରଣ କରି ପରିବାରଗୁଡିକୁ ବିପିଏଲ ଏବଂ ଅଣ-ବିପିଏଲ ଶ୍ରେଣୀଭୁକ୍ତ କରାଯାଏ । ତଦନୁସାରେ, ଏହା ଦେଖାଯାଏ ଯେ, ପ୍ରାୟ ୭୦% ପ୍ରଭାବିତ ପରିବାରକୁ ବିପିଏଲ ବର୍ଗରେ ରଖାଯାଏ ଯେଉଁଥିରେ ହାରାହାରି ବାର୍ଷିକ ଆୟ ୭୦,୦୦୦/ - ରୁ କମ୍ ଅଟେ । ସେହିପରି ଅଣପ୍ରଭାବିତ ପରିବାର ବ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ୮୫% ଅଟେ ।

ପ୍ରଭାବିତ ପରିବାରଗୁଡିକର ଗ୍ରାମନୁଯାୟୀ ଆୟର ସ୍ତରକୁ ଦେଖିବାବେଳେ ଏହା ଦେଖିବାକୁ ମିଳେ ଯେ ବାସନପୁଟି ଗାଁର ୬୮.୭୫% ପରିବାର ଏବଂ ୩୩.୩୩% ବଡପୁଟି ଗାଁ ବାର୍ଷିକ ମାତ୍ର ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତି । ଏହି ପରିସ୍ଥିତିରେ, ଥିବା ଏହି ପ୍ରଭାବିତ ପରିବାରମାନଙ୍କଠାରୁ ଜମି ଅଧିଗ୍ରହଣ ସେମାନଙ୍କୁ ଅଧିକ ଦାରିଦ୍ର୍ୟରେ ପରିଣତ କରିପାରେ ଏବଂ ଉଭୟ ଅଞ୍ଚଳର ଉଭୟ କୃଷି ଏବଂ ଅଣ-କୃଷି କ୍ଷେତ୍ରର ଅର୍ଥବ୍ୟବସ୍ଥାରେ ସେମାନଙ୍କର ରୋଜଗାରରେ ଉନ୍ନତି ଆଣିବା ପାଇଁ ସତର୍କତା ଅବଲମ୍ବନ କରିପାରେ | ସେହିଭଳି, ପ୍ରଭାବିତ ପରିବାରର ଖର୍ଚ୍ଚ ଯାଞ୍ଚ କରିବାବେଳେ, ଦେଖାଯାଏ ଯେ ଖାଦ୍ୟ ପଦାର୍ଥ ଉପରେ ୧୮.୧୮% ପରିବାର ଅଧିକ ଖର୍ଚ୍ଚ କରନ୍ତି (ପରିଶିଷ୍ଟରେ ୩.୯.୨ ରେ ଦେଖନ୍ତୁ) |

**ସାରଣୀ ୩.୧୦. ପ୍ରଭାବିତ ପରିବାର ମାନଙ୍କର ଗୃହର ବିବରଣୀ**

| କ୍ର.ନ. | ଗ୍ରାମ | ୧ | ୨ | ୩ | ୪ | ୫ | ୫ରୁ ଉର୍ଦ୍ଧ | ସମୁଦାୟ ପରିବାର |
|---|---|---|---|---|---|---|---|---|
| ୧ | ବାସନପୁଟି | ୬ | ୫ | ୧ | ୨ | ୨ | ୦ | ୧୬ |
| | | ୩୭.୫୦ | ୩୧.୨୫ | ୬.୨୫ | ୧୨.୫୦ | ୧୨.୫୦ | ୦.୦୦ | ୧୦୦.୦୦ |
| ୨ | ବଡପୁଟି | ୧ | ୪ | ୧ | ୦ | ୦ | ୦ | ୬ |
| | | ୧୬.୬୭ | ୬୬.୬୭ | ୧୬.୬୭ | ୦.୦୦ | ୦.୦୦ | ୦.୦୦ | ୧୦୦.୦୦ |
| | ସମୁଦାୟ | ୭ | ୯ | ୨ | ୨ | ୨ | ୦ | ୨୨ |
| | | ୩୧.୮୨ | ୪୦.୯୧ | ୯.୦୯ | ୯.୦୯ | ୯.୦୯ | ୦.୦୦ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**
**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

## ୩.୭ ବାସଗୃହ ଓ ଅନ୍ୟାନ୍ୟ ସୁବିଧା

ବୃତ୍ତିଗତ ଢାଞ୍ଚା ଏବଂ ଜମି ପ୍ରଭାବିତ ପରିବାରଗୁଡିକର ବାର୍ଷିକ ଆୟ ବ୍ୟତୀତ, ସେମାନଙ୍କ ଜୀବନଧାରଣର ମାପିବା ପାଇଁ ବାସସ୍ଥାନର ଅବସ୍ଥା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ । ଏହାକୁ ଧ୍ୟାନରେ ରଖି, ବର୍ତ୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପ୍ରଭାବିତ ୨ଟି ଗାଁରେ ଥିବା ସମସ୍ତ ପ୍ରଭାବିତ ପରିବାରର ବାସଗୃହକୁ ସର୍ବେକ୍ଷଣ କରିଥିଲେ । ଏହା ଦେଖାଗଲା ଯେ ଅଧିକାଂଶ ପ୍ରଭାବିତ ପରିବାର (୪୦.୯%) ଦୁଇଟି କୋଠରୀରେ ରୁହନ୍ତି (ସାରଣୀ ୩.୧୦ ରେ ଦେଖନ୍ତୁ) |

**ସାରଣୀ ୩.୧୪ ଗୃହରେ ଥିବା ମୌଳିକ ସୁବିଧା**

| କ୍ର.ନ. | ଗ୍ରାମ | ଗୃହପାଳିତ ପଶୁଙ୍କ ପାଇଁ ସ୍ୱତନ୍ତ୍ର ଗୃହ | ଗୃହ ମଧ୍ୟରେ ସ୍ନାନ ଘର | ଗୃହ ମଧ୍ୟରେ ଶୌଚାଳୟ | ଗୃହ ମଧ୍ୟରେ ସଫା କରିବା ପାଇଁ ସ୍ଥାନ | ଗୃହକୁ ବିଜୁଳି ସଂଯୋଗ | ସମୁଦାୟ ପରିବାର |
|---|---|---|---|---|---|---|---|
| ୧ | ବାସନପୁଟି | ୭ | ୧୧ | ୧୫ | ୭ | ୧୫ | ୧୬ |
| | | ୪୩.୭୫ | ୬୮.୭୫ | ୯୩.୭୫ | ୪୩.୭୫ | ୯୩.୭୫ | ୧୦୦.୦୦ |
| ୨ | ବଡପୁଟି | ୦ | ୬ | ୬ | ୪ | ୬ | ୬ |
| | | ୦.୦୦ | ୧୦୦.୦୦ | ୧୦୦.୦୦ | ୬୬.୬୭ | ୬୬.୬୭ | ୧୦୦.୦୦ |
| | ସମୁଦାୟ | ୭ | ୧୭ | ୨୧ | ୧୧ | ୨୧ | ୨୨ |
| | | ୩୧.୮୨ | ୭୭.୨୭ | ୯୫.୪୫ | ୫୦.୦୦ | ୯୫.୪୫ | ୧୦୦.୦୦ |

**ସୂତ୍ର: କ୍ଷେତ୍ର ସର୍ବେକ୍ଷଣ -୨୦୨୧**
**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

ପ୍ରଭାବିତ ଘରଗୁଡିକର କାନ୍ଥ ଗଠନରୁ ଜଣାପଡିଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ (୯୦.୯%) କାନ୍ଥର ସିମେଣ୍ଟ ପ୍ଲାଷ୍ଟର ସହିତ ୩୭.୫% କାଦୁଅରେ ତିଆରି କରୁଛନ୍ତି । ବାସନପୁଟି ପ୍ରଭାବିତ ପରିବାରର କାନ୍ଥ ଗଠନ ବଡପୁଟି ଗ୍ରାମର ପରିବାର ଅପେକ୍ଷା ଭଲ ବୋଲି ଜଣାପଡିଛି (ପରିଶିଷ୍ଟରେ ସାରଣୀ -୩.୧୧ ଦେଖନ୍ତୁ) ।

ପ୍ରଭାବିତ ପରିବାରର ଛାତ ନିର୍ମାଣ ଆହୁରି ପ୍ରକାଶ କରେଯେ ସେମାନଙ୍କ ମଧ୍ୟରୁ ୬୩.୬୪% କଂକ୍ରିଟ ଛାତ, ୨୨.୭୩% ଚାଳ ଏବଂ ବାକି ୧୩.୬୪% ଆଜବେଷ୍ଟସ ଛାତ ଅଛି । ବାସନପୁଟି ଗାଁରେ କୌଣସି ଚାଳ ଛପର ଘର ମିଳିଲା ନାହିଁ । (ପରିଶିଷ୍ଟରେ ସାରଣୀ-୩.୧୨ରେ ଦେଖନ୍ତୁ) । ସର୍ବେକ୍ଷଣରେ ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ୪୫.୪୫% ସିମେଣ୍ଟ ଚଟାଣ ଏବଂ ୩୧.୮୨% ମାଟି ଚଟାଣରେ ବାସ କରନ୍ତି । ବାସନପୁଟି ଗାଁରେ, ୫୦% ଘରେ ସିମେଣ୍ଟ ଚଟାଣ ଅଛି (ସାରଣୀ -୩.୧୩ ଦେଖନ୍ତୁ) |

ଏହା ଦର୍ଶାଏ ଯେ ପ୍ରଭାବିତ ଗ୍ରାମଗୁଡିକରେ ୪୦%ରୁ ଅଧିକ ପ୍ରଭାବିତ ପରିବାରର ବାସସ୍ଥାନ ଯଥେଷ୍ଟ ଭଲ ଅଟେ । ଏହା ସାରଣୀ ୩.୧୪ ରେ ଦର୍ଶାଯାଇଥିବା ତଥ୍ୟରୁ ଆହୁରି ପ୍ରକାଶ ପାଇଛି ଯେ ସମୁଦାୟ ପ୍ରଭାବିତ ପରିବାର ମଧ୍ୟରୁ ୭୭.୨୭% ଘର ଭିତରେ ସ୍ନାନାଗାର, ୯୫.୪୫% ଘର ଭିତରେ ଶୌଚାଳୟ ଅଛି, ୫୦% ପରିବାର ଘର ଭିତରେ ଧୋଇବା ସ୍ଥାନ ଏବଂ ୯୫.୪୫% ପରିବାରଙ୍କ ବିଦ୍ୟୁତ ସଂଯୋଗ ଅଛି । ବାସନପୁଟି ଗାଁରେ ୧୦୦% ପରିବାର ବିଦ୍ୟୁତକରଣ ହୋଇଛି । ଦୁଇ ଗ୍ରାମ ମଧ୍ୟରେ ବଡପୁଟି ଗାଁରେ, ବାସନପୁଟି ଅପେକ୍ଷା ନାଗରିକ ସୁବିଧା ଅଧିକ ଅଛି ।

## ୩.୮ ପାନୀୟ ଜଳର ଉତ୍ସ ଓ ସୁବିଧା

ପାନୀୟ ଜଳର ଉତ୍ସ ବିଷୟରେ, ୫୦% ପରିବାର ନଳକୂଅ ଉପରେ ନିର୍ଭର କରନ୍ତି ଏବଂ ବାକି ୫୦% ପ୍ରଭାବିତ ପରିବାର ପାଇପ୍ ଜଳ ଉପରେ ନିର୍ଭର କରନ୍ତି । ଗାଁର ତଥ୍ୟ ଗୁଡିକ (ସାରଣୀ ୩.୧୫ ଏବଂ ଚିତ୍ର ୩.୫ ) ରେ ଦିଆଯାଇଛି ।

**ସାରଣୀ ୩.୧୫ ପାନୀୟ ଜଳର ଉତ୍ସ**

| କ୍ର.ନ. | ଗ୍ରାମ | ପାଇପ ଜଳ ଯୋଗାଣ | ନଳକୂପ | ନଦୀ/ଝରଣା | କୂଅ | ସମୁଦାୟ |
|---|---|---|---|---|---|---|
| ୧ | ବାସନପୁଟି | ୮ | ୮ | ୦ | ୦ | ୧୬ |
| | | ୫୦ | ୫୦ | ୦.୦୦ | ୦.୦୦ | ୧୦୦.୦୦ |
| ୨ | ବଡପୁଟି | ୩ | ୩ | ୦ | ୦ | ୬ |
| | | ୫୦ | ୫୦ | ୦.୦୦ | ୦.୦୦ | ୧୦୦.୦୦ |

| କ୍ର.ନ. | ଗ୍ରାମ | ପାଇପ ଜଳ ଯୋଗାଣ | ନଳକୂପ | ନଦୀ/ଝରଣା | କୂଅ | ସମୁଦାୟ |
|---|---|---|---|---|---|---|
| | ସମୁଦାୟ | ୧୧ | ୧୧ | ୦ | ୦ | ୨୨ |
| | | ୫୦ | ୫୦ | ୦.୦୦ | ୦.୦୦ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

**ଚିତ୍ର ୩.୫. ପାନୀୟ ଜଳର ଉତ୍ସ**




## ୩.୯ ସ୍ୱାସ୍ଥ୍ୟର ସ୍ଥିତି ଓ ସୁବିଧା

ବିଗତ ବର୍ଷର ସ୍ୱାସ୍ଥ୍ୟ ଅବସ୍ଥା

ସ୍ୱାସ୍ଥ୍ୟ ସ୍ଥିତି ଜାଣିବା ପାଇଁ, ମାନବ ବିକାଶ ରିପୋର୍ଟ (HDR) ଏକ ସୂଚକ ଭାବରେ ନିଆଯାଏ । ବର୍ତ୍ତମାନର ଅଧ୍ୟୟନରେ ଗତ ଏକବର୍ଷ ମଧ୍ୟରେ ରୋଗରେ ପୀଡିତ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ଏକ ପ୍ରୟାସ କରାଯାଇଥିଲା । ଏହି ସଂପର୍କରେ, କରାଯାଇଥିବା ଆକଳନ ଅନୁସାରେ ସମୁଦାୟ ପ୍ରଭାବିତ ପରିବାର ମଧ୍ୟରୁ ୨୭.୨୭% (ସର୍ଭେ ତାରିଖ ପୂର୍ବରୁ) ବିଗତ ୧୨ ମାସ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରଭାବିତ ହୋଇଥିଲେ । ବଡପୁଟି ଗାଁର ପ୍ରଭାବିତ ପରିବାର ମଧ୍ୟରେ ସେପରି କୌଣସି ମାମଲା ଦେଖିବାକୁ ମିଳି ନଥିଲା ଯେଉଁଠାରେ ବାସନପୁଟି ଗ୍ରାମରେ ୩୭.୫% ମାମଲା ପ୍ରକାଶ ପାଇଥିଲା (ସାରଣୀ -୩.୧୭) ।

**ସାରଣୀ ୩.୧୭ ସର୍ବେକ୍ଷଣ ୧୨ମାସ ପୂର୍ବରୁ ପରିବାରରେ ଦେଖାଦେଇଥିବା ଅସୁସ୍ଥତାର ବିବରଣୀ**

| କ୍ର.ନ. | ଗ୍ରାମ | ହଁ | ନାଁ | ସମୁଦାୟ |
|---|---|---|---|---|
| ୧ | ବାସନପୁଟି | ୬ | ୧୦ | ୧୬ |
| | | ୩୭.୫ | ୬୨.୫ | ୧୦୦.୦୦ |
| ୨ | ବଡପୁଟି | ୦ | ୬ | ୬ |
| | | ୦.୦୦ | ୧୦୦.୦୦ | ୧୦୦.୦୦ |
| | ସମୁଦାୟ | ୬ | ୧୬ | ୨୨ |
| | | ୨୭.୨୭ | ୭୨.୭୩ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

## ଚିକିତ୍ସାର ପ୍ରକାର

ସାରଣୀ ୩.୧୭ ସୂଚାଇ ଦେଇଛି ଯେ ୨୨ଟି ପ୍ରଭାବିତ ପରିବାର ମଧ୍ୟରୁ, ଚିକିତ୍ସା ପାଇଁ ୧୮.୧୮% ପରିବାର ସରକାରୀ ଡାକ୍ତରଖାନାକୁ ଯାଆନ୍ତି, ୨୨.୭୨% ଲୋକ ଘରୋଇ ଡାକ୍ତରଖାନା ଯିବାକୁ ପସନ୍ଦ କରନ୍ତି ଏବଂ କେବଳ ୪.୫୪% ଔଷଧ ଦୋକାନରୁ ପରାମର୍ଶ ନିଅନ୍ତି ଓ ଔଷଧ କ୍ରୟ କରନ୍ତି । କିନ୍ତୁ ସାରଣୀ ଏହା ମଧ୍ୟ ଦର୍ଶାଏ ଯେ ଅଧିକାଂଶ ପରିବାର (୫୪.୫୫%) ଚିକିତ୍ସା ପାଇଁ କେଉଁଠାକୁ ଯାଆନ୍ତି ନାହିଁ ଓ ଘରୋଇ ତଥା ନିଜ ଇଚ୍ଛା ମୁତାବକ ରୋଗର ଉପଶମ ପାଇଁ ଚିକିତ୍ସା କରନ୍ତି ।

**ସାରଣୀ ୩.୧୭ ପ୍ରଭାବିତ ପରିବାର କିପ୍ରକାର ଓ କେଉଁଠାରେ ଚିକିତ୍ସା କରାଇଛନ୍ତି**

| କ୍ର.ନ. | ଗ୍ରାମ | ସରକାରୀ ଡାକ୍ତରଖାନା | ବେସରକାରୀ ଡାକ୍ତରଖାନା | ବେସରକାରୀ ଡାକ୍ତର | ବୈଦ୍ୟ | ଔଷଧ ଦୋକାନ | ଘରୋଇ ଉପଚାର | ସମୁଦାୟ ପରିବାର |
|---|---|---|---|---|---|---|---|---|
| ୧ | ବାସନପୁଟି | ୪ | ୪ | ୦ | ୦ | ୦ | ୮ | ୧୬ |
| | | ୨୫.୦୦ | ୨୫.୦୦ | ୦.୦୦ | ୦.୦୦ | ୦.୦୦ | ୫୦.୦୦ | ୧୦୦.୦୦ |
| ୨ | ବଡପୁଟି | ୦ | ୧ | ୦ | ୦ | ୧ | ୪ | ୬ |
| | | ୦.୦୦ | ୧୬.୬୭ | ୦.୦୦ | ୦.୦୦ | ୧୬.୬୭ | ୬୬.୬୭ | ୧୦୦.୦୦ |
| | ସମୁଦାୟ | ୪ | ୫ | ୦ | ୦ | ୧ | ୧୨ | ୨୨ |
| | | ୧୮.୧୮ | ୨୨.୭୩ | ୦.୦୦ | ୦.୦୦ | ୪.୫୫ | ୫୪.୫୫ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

## ବହୁ ପୁରାତନ ରୋଗ ପାଇଁ ନିୟମିତ ଚିକିତ୍ସା ଆବଶ୍ୟକ କରୁଥିବା ପରିବାର

୨ଟି ଗାଁର ପ୍ରଭାବିତ ପରିବାର ମଧ୍ୟରେ ବାସନପୁଟି ଗାଁର କେବଳ ଗୋଟିଏ ପରିବାରରେ କୌଣସି ପୁରାତନ ରୋଗ ପାଇଁ ନିୟମିତ ଚିକିତ୍ସା ଆବଶ୍ୟକ କରନ୍ତି । ଏହା ବୁଝାପଡେ ଯେ ପ୍ରଭାବିତ ପରିବାରମାନଙ୍କ ମଧ୍ୟରେ ଏହିପରି କୌଣସି ପୁରାତନ ରୋଗ ଦେଖାଯାଇ ନାହିଁ ଯାହାପାଇଁ ନିୟମିତ ଚିକିତ୍ସା ଆବଶ୍ୟକ (ସାରଣୀ ୩.୧୮) |

**ସାରଣୀ ୩.୧୮ ବହୁ ପୁରାତନ ରୋଗରେ ପୀଡିତ ପରିବାର ଯେଉଁମାନଙ୍କର ନିୟମିତ ଚିକିତ୍ସା ଦରକାର**

| କ୍ର.ନ. | ଗ୍ରାମ | ହଁ | ନାଁ | ସମୁଦାୟ |
|---|---|---|---|---|
| ୧ | ବାସନପୁଟି | ୧ | ୧୫ | ୧୬ |
| | | ୬.୨୫ | ୯୩.୭୫ | ୧୦୦.୦୦ |
| ୨ | ବଡପୁଟି | ୦ | ୬ | ୬ |
| | | ୦.୦୦ | ୧୦୦.୦୦ | ୧୦୦.୦୦ |
| | ସମୁଦାୟ | ୧ | ୨୧ | ୨୨ |
| | | ୪.୫୫ | ୯୫.୪୫ | ୧୦୦.୦୦ |

**ସୂତ୍ର : କ୍ଷେତ୍ର ସର୍ବେକ୍ଷଣ -୨୦୨୧**

**ବି.ଦ୍ର. ବନ୍ଧନୀରେ ଦିଆଯାଇଥିବା ତଥ୍ୟ ଗୁଡିକ ପ୍ରତିଶତକୁ ଦର୍ଶାଏ**

## ୩.୧୦ ସମ୍ପତ୍ତି ସ୍ଥିତି

ଗୋଟିଏ ପରିବାରର ସମ୍ପତ୍ତି ଧାରଣ କରିବା ଏହାର ସାମାଜିକ-ଅର୍ଥନୈତିକ ଅବସ୍ଥା, ଆୟର ସ୍ତର ଏବଂ ଜୀବନଶୈଳୀକୁ ଦର୍ଶାଇଥାଏ । ସାଧାରଣତଃ ଉଚ୍ଚମାନର ସମ୍ପତ୍ତି ଆଧାର ଉନ୍ନତ ଜୀବନଶୈଳୀକୁ ଦର୍ଶାଇଥାଏ । ଖରାପ ସମ୍ପତ୍ତିର ଆଧାର ଏହି ଅବସ୍ଥାକୁ ସୂଚାଇଥାଏ ଯାହା ପରିବାରର କଲ୍ୟାଣର ବିପରୀତ ଅଟେ । ଆବଶ୍ୟକତା ଓ ବ୍ୟବହାରକୁ ଆଧାର କରି କେତେକ ସମ୍ପତ୍ତି ଅଧିକାଂଶ ପରିବାରରେ ସମାନ ଥାଏ ଏବଂ ଅନ୍ୟ କେତେକ ସମ୍ପତ୍ତି ଅସାଧାରଣ ଏବଂ ଏହାର

ଉପଲବ୍ଧତା କିଛି ପରିବାରରେ ସୀମିତ ଥାଏ । ଯୋଗାଯୋଗର ଆବଶ୍ୟକତାକୁ ଦୃଷ୍ଟିରେରଖି ଏହା ଦେଖାଯାଏଯେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ନିର୍ବିଶେଷରେ ମୋବାଇଲ୍ ଫୋନର ବ୍ୟବହାର ଓ ଉପଲବ୍ଧତା ଅତି ସାଧାରଣ ହୋଇଗଲାଣି ।

## ସ୍ଥାୟୀ ସମ୍ପତ୍ତି

ସମୁଦାୟ ୨୨ଟି ପ୍ରଭାବିତ ପରିବାର ମଧ୍ୟରୁ ୧୦୦% ପରିବାରରେ ଟିଭି ସେଟ୍, ୬୩.୬୪% ପରିବାରରେ ରେଫ୍ରିଜରେଟର, ୯୦.୯୧% ପରିବାର ଯୋଗାଯୋଗ ପାଇଁ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି, ୯୫.୪୫% ବିଦ୍ୟୁତ ଚାଳିତ ପଙ୍ଖା, ୨୨.୭୩% ୱାଶିଂ ମେସିନ୍, ୭୭.୨୭% ଦୁଇଚକିଆ ଯାନ, ୪.୫୫% କାର୍ ଏବଂ ୨୨.୭୩% ପରିବାରରେ ଏୟାର କୁଲର୍ ଅଛି । ଅନ୍ୟାନ୍ୟ ସମ୍ପତ୍ତିର ସ୍ଥିତି ଦର୍ଶାଏ ଯେ ୮୬.୩୬% ପରିବାରରେ ରନ୍ଧନ ଗ୍ୟାସ୍ ଅଛି, ଏବଂ ଅନ୍ୟାନ୍ୟ ରୋଷେଇ ଉପକରଣ ସହିତ ଘରଗୁଡିକରେ ମଧ୍ୟ ବହୁ ସଂଖ୍ୟକ ଘରୋଇ ବୈଦ୍ୟୁତିକ ଉପକରଣ ଅଛି । ସାମଗ୍ରିକ ତଥ୍ୟ ସୂଚିତ କରେ ଯେ ସେମାନଙ୍କର ଭଲ ସଂଖ୍ୟକ ସମ୍ପତ୍ତି ଅଛି (ପରିଶିଷ୍ଟରେ ସାରଣୀ ୩.୧୯ ଦେଖନ୍ତୁ) ।

## ଆର୍ଥିକ ସ୍ଥିତି

ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଅର୍ଥନୈତିକ ଅବସ୍ଥା ଭିତ୍ତିରେ ଋଣ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି, କାରଣ, କୃଷି, ବ୍ୟବସାୟ ଏବଂ ଅନ୍ୟାନ୍ୟ ଆୟ ସୃଷ୍ଟି କରୁଥିବା କାର୍ଯ୍ୟକଳାପ ପାଇଁ ଲୋକଙ୍କ ସାମାଜିକ-ଅର୍ଥନୈତିକ ଆବଶ୍ୟକତାକୁ ହ୍ରାସ କରିବା ପାଇଁ ଋଣର ଆବଶ୍ୟକ ପଡେ । ଉକ୍ତ ଅଧ୍ୟୟନ ଦ୍ୱାରା ପ୍ରଭାବିତ ପରିବାରଗୁଡିକର ଏହାର ସ୍ଥିତି ଜାଣିବାକୁ ଚେଷ୍ଟା କରାଯାଇଥିଲା ।

## ୩.୧୧ଋଣ ପରିଶୋଧର ସ୍ଥିତି

ପ୍ରଭାବିତ ପରିବାରର ଋଣର ସ୍ଥିତି ଯାଞ୍ଚ କରିବାବେଳେ ଜଣାପଡିଥିଲା ବାସନପୁଟି ଗାଁର ଗୋଟିଏ ପରିବାର ବ୍ୟତୀତ ଅନ୍ୟ କୌଣସି ପରିବାର ରୁଣ ନେଇନାହାନ୍ତି । (ସାରଣୀ ଦେଖନ୍ତୁ ୩.୨୦)

**ସାରଣୀ ୩.୨୦. ପ୍ରଭାବିତ ପରିବାର ମାନଙ୍କର ଋଣଗ୍ରସ୍ତତା**

| କ୍ର.ନ. | ଗ୍ରାମ | Taken any loan | | |
|---|---|---|---|---|
| | | ହଁ | ନାଁ | ସମୁଦାୟ |
| ୧ | ବାସନପୁଟି | ୧ | ୧୫ | ୧୬ |
| | | ୬.୨୫ | ୯୩.୭୫ | ୧୦୦.୦୦ |
| ୨ | ବଡପୁଟି | ୦ | ୬ | ୬ |
